## ସଂକ୍ଷେପରେ

### ଶ୍ରୀଜଗନ୍ନାଥଙ୍କ ଆରାଧନା ପାଇଁ ପ୍ରସ୍ତୁତି

ଭଦ୍ରକ,୭।୪(ସନାତନ ରାଉତ)

ଓଡ଼ିଆ ନବବର୍ଷ ଅବସରରେ ପଣା ସଂକ୍ରାନ୍ତିରେ ଶ୍ରୀଜଗନ୍ନାଥଙ୍କ ଆରାଧନା ପାଇଁ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ବାଲଗୋପାଳ ମନ୍ଦିର ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହାବିଷୁବ ସଂକ୍ରାନ୍ତିରେ ଜଗନ୍ନାଥଙ୍କ ଷୋଡ଼ଶ ଉପଚାର ପୂଜା, ବିଶ୍ୱଶାନ୍ତି ଯଜ୍ଞ ସହ ନେତ ଉଡ଼ାଣ ହେବାକୁ ସ୍ଥିର କରାଯାଇଛି। ଅପରାହ୍ନ ୫ଟାରେ ଭଦ୍ରକ ବାଇପାସ୍‌ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଏକ ଧାର୍ମିକ ଆଲୋଚନା ସମାରୋହ କରାଯିବ। ସମିତିର ଆବାହକ ସେବକ ଶରତ କୁମାର ସାହୁ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ସହଆବାହକ ବାବୁଲାଲ ଦାସ, ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ କୁମାର ଦାସ, ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ର, ଅଧ୍ୟକ୍ଷ ଡ. କୃପାସିନ୍ଧୁ ନାୟକ, ଲକ୍ଷ୍ମୀଧର ଖଟୁଆ, ଉପଦେଷ୍ଟା ସନେଇ ଶିଅଳ, ବଳରାମ ମହାନ୍ତି, କାହ୍ନୁଚରଣ ଦାସ, ସନାତନ ସାହୁ, ବୀରନାରାୟଣ ଦାଶ, କାଶୀନାଥ ପଣ୍ଡା ପ୍ରମୁଖ ସେବକ ଆଲୋଚନା କରିଥିଲେ।

### ସ୍କୁଲ ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

ଭଦ୍ରକ,୭।୪(ସନାତନ ରାଉତ)

ଭଦ୍ରକ ଜିଲା କୁଆମରାସ୍ଥିତ ଆଦାନୀ ଡିଏଭି ପବ୍ଲିକ ସ୍କୁଲରେ ୧୩ତମ ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଧାମରା ବନ୍ଦର ସିଇଓ ଦେବେନ୍ଦ୍ର ଠକର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାମୁଦ୍ରିକ କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, କ୍ରାଫ୍ଟ, ଏକକ ସଙ୍ଗୀତ, ପ୍ରବନ୍ଧ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜିତ ରକ୍ତଦାନ ଶିବିରରେ ମୋଟ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶେଷରେ ସ୍କୁଲର ଅଧ୍ୟକ୍ଷା କୃଷ୍ଣପ୍ରିୟା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

### କୋଇଲା ବୋଝେଇ ଭ୍ୟାନ୍ ଜବତ, ଚାଳକ ଗିରଫ

ତିହିଡ଼ି,୭।୪(ସଞ୍ଜିତ ବଳ)

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ବିନ୍ଧାବଜାର ନିକଟରୁ ଏକ କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ପିରହାଟ ପୋଲିସ ଜବତ କରିଛି। ଏଥିସହ ଭ୍ୟାନ୍ ଚାଳକ ସନ୍ଥପୁରା ଗ୍ରାମର ଜୀବନଜ୍ୟୋତି ବଳଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏନେଇ ପିରହାଟ ଥାନାରେ ଏକ ମାମଲା (ନଂ. ୮୧/୨୪) ରୁଜୁ ହୋଇଛି। ଉକ୍ତ ଭ୍ୟାନ୍‌ରେ ଚୋରା କୋଇଲା ବୋଝେଇ ହୋଇ ତିହିଡ଼ି ଅଭିମୁଖେ ଯାଉଥିବା ଖବରପାଇ ଏସ୍‌ଆଇ ସୁପ୍ରକାଶ ମହାନ୍ତି ଚଢ଼ାଉ କରି ଗାଡ଼ିକୁ ଜବତ କରିଥିଲେ। ଭ୍ୟାନ୍‌ରେ ୪୦ ବସ୍ତା କୋଇଲା ଥିଲା।

### ମୋବାଇଲ ଚୋରି ଉଦ୍ୟମ, ୨ ଗିରଫ

ବୈଶିଙ୍ଗା,୭।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ବଜାରରୁ ରବିବାର ଚୋରି ଉଦ୍ୟମ ବେଳେ ୨ଜଣଙ୍କୁ ଲୋକେ କାବୁ କରିଛନ୍ତି। ଉଭୟଙ୍କୁ ପୋଲିସ ଜିମା ଦେଇଥିଲେ। ଅଭିଯୁକ୍ତ ଦ୍ୱୟ ହେଲେ ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ମରେଇଗାଁ ଅଞ୍ଚଳର ଜିତେନ୍ଦ୍ର ମହାପାତ୍ର ଓ ଗୌରାଙ୍ଗ ଲେଙ୍କା। ସୂଚନା ମୁତାବକ, ବଜାରରେ ଚପଲ ଦୋକାନ କରିଥିବା ବୈଶିଙ୍ଗା ଗ୍ରାମର ଭବେଶ ଦାସ ଦୋକାନ ଖୋଲିବା ସମୟରେ ୨ ଯୁବକ ଜୋତା କିଣିବାକୁ ପହଞ୍ଚିଥିଲେ। ହଲେ ଜୋତା କିଣି ଦୋକାନୀଙ୍କୁ ଟଙ୍କା ଦେଇଥିଲେ। ଏହି ସମୟରେ ଜଣେ ଯୁବକ ରାସ୍ତା ଉପରେ ଗାଡ଼ି ଷ୍ଟାର୍ଟ କରି ରଖିଥିବା ବେଳେ ଅନ୍ୟ ଜଣଙ୍କ ଦୋକାନୀଙ୍କ ମୋବାଇଲ ଝାମ୍ପି ନେଇଥିଲେ। ଗାଡ଼ିରେ ବସିବାକୁ ଉଦ୍ୟତ ହେଉଥିବା ସମୟରେ ଭବେଶଙ୍କ ପାଟି ଶୁଣି ସ୍ଥାନୀୟ ଦୋକାନୀ ଯୁବକଙ୍କୁ କାବୁ କରି ଉତ୍ତମ ମଧ୍ୟମ ଦେଇଥିଲେ। ବୈଶିଙ୍ଗା ପୋଲିସ ପହଞ୍ଚି ଉଭୟଙ୍କୁ ଥାନାକୁ ନେଇଥିଲା। ଭବେଶଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା(ନଂ. ୧୨୩/୨୪) ରୁଜୁ କରାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# ଶ୍ରୀରାମ ନବମୀ ପାଇଁ ଗଣଦୌଡ଼

## ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ଧାମନଗର



ଧାମନଗର ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଅନୁଷ୍ଠିତ ଗଣଦୌଡ଼ରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ଧାମନଗର,୭।୪(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଦିଆ)

ଶ୍ରୀରାମ ନବମୀ ଉପଲକ୍ଷେ ଧାମନଗର ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ରବିବାର ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଧାମନଗର ଭାଜପା ସହରୀ ମଣ୍ଡଳ ସଭାପତି କୈଳାସ ମହାପାତ୍ରଙ୍କ ନେତୃତ୍ୱରେ ସକାଳ ୭ଟାରେ ଜୟନଗର ଛକ ହନୁମାନ ମନ୍ଦିର ନିକଟରୁ ଗଣଦୌଡ଼ ବାହାରି ସାନବଜାର, ବଡ଼ବଜାର ଦେଇ ମେଡିକାଲ ଛକସ୍ଥିତ ମେଳଣ ପଡ଼ିଆ ଯଜ୍ଞ ସ୍ଥଳରେ ଶେଷ ହୋଇଥିଲା। ଏହି ଗଣଦୌଡ଼ରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିବା ବେଳେ ହଜାର ହଜାର ଶ୍ରୀରାମ ଭକ୍ତ ସାମିଲ ହୋଇଥିଲେ। ଜୟଶ୍ରୀରାମ ଧ୍ୱନିରେ ଧାମନଗର ବଜାର ପ୍ରକମ୍ପିତ ହୋଇଥିଲା।

ମହାଯଜ୍ଞ ସମିତିର ଆବାହକ ସରୋଜ ମହାପାତ୍ର, ପରିଚାଳନା କମିଟି ସଦସ୍ୟ ବଜରଙ୍ଗ ଦଳ ପୂର୍ବ ଓଡ଼ିଶା ମିଳନ କେନ୍ଦ୍ର ପ୍ରମୁଖ ବିପିନ ବିହାରୀ ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦ ଧାମନଗର ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ, ସଭାପତି କୈଳାସ ଗୁପ୍ତା, ଭାଜପା ଜିଲା ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ, ରାଜ୍ୟ ଓବିସି ମୋର୍ଚ୍ଚା ସଂଯୋଜକ ଅଶୋକ ପୁହାଣ, ରାଜ୍ୟ ପରିଷଦ ସଦସ୍ୟ ଶ୍ରୀଧର ବେହେରା, ଜିଲା ମହିଳା ସଭାନେତ୍ରୀ ମମତାମୟୀ ବେହେରା ଗଣଦୌଡ଼ରେ ସାମିଲ ଥିଲେ। ଭାଜପା ନଗର ସଭାନେତ୍ରୀ ପୁଷ୍ପାଞ୍ଜଳି ବେହେରା, କାଉନସିଲର ସ୍ୱାଧୀନ ସସ୍ମିତ ଦାଶ, ଉତ୍ତମ ମହାନ୍ତି, ଓକିଲ ସଂଘ ସଭାପତି ଅଶୋକ ଦାସ, ସାଧାରଣ ସମ୍ପାଦକ ଅମରେନ୍ଦ୍ର ନାଥ ମହାନ୍ତି, ଉପସଭାପତି ବିଜୟ କୁମାର ରାମ, ଅରବିନ୍ଦ ପତି ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ରକ୍ଷାକାଳୀଙ୍କୁ ଦର୍ଶନ କଲେ ମଞ୍ଜୁଲତା, ସଞ୍ଜୟ


ମା' ରକ୍ଷାକାଳୀଙ୍କ ଦର୍ଶନ ଅବସରରେ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସ ଓ ଅନ୍ୟମାନେ।

ଧାମନଗର,୭।୪ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ଅଧୀନ ଦଳାଙ୍ଗ ପଞ୍ଚାୟତର ରାମେଶ୍ୱରପୁରଠାରେ ରକ୍ଷାକାଳୀ ମନ୍ଦିର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଲୋକ ସଭା ବିଜେଡି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଧାମନଗର ଗସ୍ତ ଅବସରରେ ମା' ରକ୍ଷାକାଳୀଙ୍କୁ ଦର୍ଶନ କରି କୃପା ଭିକ୍ଷା କରିଥିଲେ। ତାଙ୍କ ସହ ଧାମନଗର ବିଧାନସଭା କ୍ଷେତ୍ରର ବିଜେଡି ବିଧାୟକ ପ୍ରାର୍ଥୀ ଡା. ସଞ୍ଜୟ ଦାସ ମା'ଙ୍କୁ ଦର୍ଶନ କରି ଆଶିଷ ନେଇଛନ୍ତି। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ନୃତ୍ୟଗୀତରେ ଝୁମିଲେ ଦର୍ଶକ

## ସଙ୍ଗୀତ କଳା ପରିଷଦର ବାର୍ଷିକ ସାଂସ୍କୃତିକ ସମାରୋହ

ବାସୁଦେବପୁର, ୭।୪ (ନାରାୟଣ ପ୍ରସାଦ ବାରିକ୍)


ଜଣେ ଯୁବକ ନୃତ୍ୟ ପରିବେଷଣ କରୁଛନ୍ତି।

ବାସୁଦେବପୁର ପୌରପାଳିକାର ପୁରାତନ ଷ୍ଟେଟବ୍ୟାଙ୍କ ପାର୍ଶ୍ୱରେ ସଙ୍ଗୀତ କଳା ପରିଷଦର ବାର୍ଷିକ ସାଂସ୍କୃତିକ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଇନଜୀବୀ ତଥା ସାହିତ୍ୟ ଅନୁଷ୍ଠାନ 'ପ୍ରଜ୍ଞାପଥ'ର ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସଙ୍ଗୀତ, କଳା, ନୃତ୍ୟ ଓ ସଂସ୍କୃତିର ସୁରକ୍ଷା ଦିଗରେ ପ୍ରତ୍ୟେକ ବ୍ୟକ୍ତି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେବା ସହ ଏହା ଆମ ଓଡ଼ିଆ ଜାତିକୁ ସମୃଦ୍ଧ କରିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ବିକାଶ ଚନ୍ଦ୍ର ଶତପଥୀ ଏବଂ ଅନ୍ୟତମ ଅତିଥି ଭାବେ ଆଇନଜୀବୀ ଦିଲୀପ କୁମାର ରାୟ, ସଞ୍ଜୟ ମହାନ୍ତି, ଶିକ୍ଷକ ଗଣେଶ ପ୍ରସାଦ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରିଷଦର ଅଧ୍ୟକ୍ଷା ନୀଳିମା ରାୟ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଦିବଂଗତ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଆଇନଜୀବୀ ବିଜୟ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପରିଷଦର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନୃତ୍ୟଗୀତରେ ଦର୍ଶକମାନେ ଝୁମିଥିଲେ।

### ତୃଣମୂଳସ୍ତରରୁ ଦଳକୁ ମଜଭୁତ କରିବାକୁ ଆହ୍ୱାନ

ବନ୍ତ,୭।୪ (ହରିନାରାୟଣ ମହାନ୍ତି)

ବନ୍ତ ଜଳସେଚନ ଅଫିସ ଛକସ୍ଥିତ ଭାଜପା କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ପ୍ରାରମ୍ଭରେ ଦୀନଦୟାଲ ଉପାଧ୍ୟାୟ ଓ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପରେ ରାଜ୍ୟ ଭାଜପା ସମ୍ପାଦକ ତଥା ଭଦ୍ରକ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ନେତା ଡ. ସୁଧାଂଶୁ ନାୟକ, ବନ୍ତ ମଣ୍ଡଳ ସଭାପତି ଖଗେଶ୍ୱର ବେହେରା, କମଳାକାନ୍ତ ସାହୁ, ପଙ୍କଜିନୀ ଲେଙ୍କା, କିଶୋର କିଙ୍କର ପଢ଼ିଆରୀ, ଆନନ୍ଦ ଚନ୍ଦ୍ର ଓଝା, କୃପାସିନ୍ଧୁ ସେଠୀଙ୍କ ସମେତ ବହୁ ଦଳୀୟ ନେତୃତ୍ୱ ଯୋଗ ଦେଇଥିଲେ। ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବା ସହ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ଏକାଠି ହେଲେ ପରିବାର


ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟରେ ଗୌରୀ ନାୟକ ଓ ତାଙ୍କ ପରିବାର।

## ଜିଲା ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ସମାଧାନ

ଭଦ୍ରକ, ୭।୪ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ଏକ ପାରିବାରିକ ବିବାଦର ସମାଧାନ ହୋଇଛି। ଟାଉନ ଥାନା ଅଧୀନ ଚରମ୍ପା (ଗୁଣ୍ଡୁଣିଆ ବଜାର) ଗ୍ରାମର ଗୌରୀ ନାୟକ ତାଙ୍କ ପୁଅ ଏବଂ ବୋହୂ ତାଙ୍କୁ ଦୁର୍ବ୍ୟବହାର କରୁଥିବା ଗତ ମାର୍ଚ୍ଚ ୧୩ରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ଜିଲା ଆଇନସେବା ପ୍ରାଧିକରଣର ରିଟେନର ଗିରିଜା ଶଙ୍କର ଦାସ ଗୌରୀ ଓ ତାଙ୍କ ପୁଅ ବୋହୂଙ୍କୁ ସମ୍ମୁଖ ଭାଗ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ନୋଟିସ୍ କରିଥିଲେ। ଉଭୟ ପକ୍ଷ ହାଜର ହେବା ପରେ ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲଙ୍କ ଉପସ୍ଥିତିରେ ଆପୋଷ ସମାଧାନ କରାଯାଇଛି। ଗୌରୀ ନିଜ ପୁଅ ଏବଂ ବୋହୂ ସାଥୀରେ ଭଲରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ଆପୋଷ ସମାଧାନ ପରେ ପରିବାର ଏକାଠି ହୋଇଛନ୍ତି।

# 'ଗଳ୍ପକୁ ପ୍ରାଣସ୍ପର୍ଶୀ କରିବାର ଧୂରୀଣ ଶିଳ୍ପୀ ଥିଲେ ଚିନ୍ତାମଣି'



ସାରସ୍ୱତ ସମାରୋହରେ ଗାଳ୍ପିକ ମୁକ୍ତିକାନ୍ତ ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ତିହିଡ଼ି,୭।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ଅଚକ ଗ୍ରାମସ୍ଥିତ ସୁଖ ନିବାସ ପରିସରରେ ରବିବାର ଗାଳ୍ପିକ ଚିନ୍ତାମଣି ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ଓ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକ ଚିନ୍ତାମଣି ସାହୁ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସମାରୋହରେ କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ନାଟ୍ୟକାର ବିଜୟ କୁମାର ଦାସ ଯୋଗଦେଇ ଗଳ୍ପକୁ ପ୍ରାଣସ୍ପର୍ଶୀ କରିବାରେ ଗାଳ୍ପିକ ଚିନ୍ତାମଣି ଧୂରୀଣ ଶିଳ୍ପୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସ୍ମୃତି ସଂସଦ ପକ୍ଷରୁ ଗାଳ୍ପିକ ମୁକ୍ତିକାନ୍ତ ନାୟକ ଓ ଖବରଦାତା ପ୍ରମୋଦ ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ରଞ୍ଜନ କୁମାର ନାୟକ ଅତିଥି ପରିଚୟ ଓ ଖବରଦାତା ପ୍ରଭାତ କୁମାର ରାଉଳ ସ୍ୱାଗତ ଭାଷଣ ଦେଇଥିଲେ।

ଏହି ଅବସରରେ କବି ରବି କୁମାର ମହାନ୍ତିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ନିର୍ମଳ ଦଳେଇ, ବିପ୍ଳବ ରଞ୍ଜନ ପତି, ମନୋରଞ୍ଜନ ମୁଦୁଲି, ସୁବାସ ଦାସ, ଗୋଲକ ପ୍ରସାଦ ବୈୟାରୀ, ରୀନାରାଣୀ ପାତ୍ର, ସୁଧାରଞ୍ଜନ ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ସରପଞ୍ଚ ସୁପ୍ରଭା ପାଣି, ସାମାଜିକ କର୍ମୀ ବିଶ୍ୱଜିତ ବେହେରା, ରଞ୍ଜନ ମିଶ୍ର, ଦୁର୍ଗାପ୍ରସନ୍ନ ନାୟକ, ଧ୍ରୁବଚରଣ ପାଣିଗ୍ରାହୀ, ମନୋଜ ଦାସ, ଅସୀମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋକ ବିକାଶ ପ୍ରିୟଦର୍ଶୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଟୋରୁ ଦେଶୀମଦ ଜବତ, ୨ ଗିରଫ

ଭଦ୍ରକ,୭।୪(ସନାତନ ରାଉତ)

ଅବକାରୀ ନିରୀକ୍ଷକ ସୁଶ୍ରୀ ସଙ୍ଗୀତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଭଦ୍ରକ ଭ୍ରାମ୍ୟମାଣ ସ୍କ୍ୱାଡ୍ ଉପନିରୀକ୍ଷକ ରବି ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଶନିବାର ୨ଶହ ଲିଟର ଦେଶୀମଦ ସହ ଅଟୋ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଆରଡ଼ିଛକ ନିକଟରେ ପାଟ୍ରୋଲିଂ ବେଳେ ଯାଜପୁରରୁ ଭଦ୍ରକ ଆସୁଥିବା ଏକ ଅଟୋକୁ ଆରଡ଼ିଛକ ଓଭରବ୍ରିଜ ନିକଟରେ ଅଟକାଇ ଯାଞ୍ଚ କରାଯାଇଥିଲା। ଅଟୋରୁ ୨୦୦ ଲିଟର ଦେଶୀ ରନ୍ଧାମଦ ଜବତ ସହ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ମୋଟେଲ ଛକ ଅଞ୍ଚଳର ବାପୁନ ମହାଳିକ ଓ ଗ୍ରାମାଞ୍ଚଳ ଥାନା ସାମରାଇପୁର ଗ୍ରାମର ରାଜୁ ମୁଣ୍ଡାଙ୍କୁ ଗିରଫ କରାଯାଇଥିଲା। ଏଏସ୍‌ଆଇ ରଶ୍ମିରେଖା ଜେନା, କନଷ୍ଟେବଲ ସୁବାଶିଷ ରାଉତ, ମିଥୁନ ଜେନା, ଅଜୟ କୁମାର ଦାସ, ବିଭୁପ୍ରସାଦ ମଲ୍ଲିକ ପ୍ରମୁଖ ଉକ୍ତ ଟିମ୍‌ରେ ସାମିଲ ଥିଲେ। ଏନେଇ ଭଦ୍ରକ ଭ୍ରାମ୍ୟମାଣ ସ୍କ୍ୱାଡ୍ ପକ୍ଷରୁ ମାମଲା (ନଂ. ୧୦/୨୪-୨୫) ରୁଜୁ କରାଯାଇଛି।

# ୧୩ରୁ ସୁବର୍ଣ୍ଣେଶ୍ୱରଙ୍କ ପୀଠରେ ନବାହ୍ନ ପାରାୟଣ

## ମାନସିକ ଭାଙ୍ଗିବେ ପାଟୁଆ ଦଳ

ବନ୍ତ,୭।୪(ହରି ନାରାୟଣ ମହାନ୍ତି)

ପବିତ୍ର ପଣା ସଂକ୍ରାନ୍ତି ଅବସରରେ ଆସନ୍ତା ୧୩ ତାରିଖଠାରୁ ବନ୍ତ ବ୍ଲକର ରାଉତରାପୁର ତ୍ରିଶାଳିଆସ୍ଥିତ ସୁବର୍ଣ୍ଣେଶ୍ୱର ମହାଦେବଙ୍କ ପୀଠରେ ନବାହ୍ନ ପାରାୟଣ ଅନୁଷ୍ଠିତ ହେବ। ଏନେଇ ରବିବାର କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମହାବୀର ଜୟନ୍ତୀ, କଳସ ଶୋଭାଯାତ୍ରା, ପୂଜାପାଠ ପରେ ନବାହ୍ନ ପାରାୟଣ ଆରମ୍ଭ ହେବ। ମହାନ୍ତିପଡ଼ା, ପାଟକନା, ଢେଙ୍କା, ଷଡ଼ା, ବିଦ୍ୟାଧରପୁର, ହଳଦୀପହଣି, ସୋସୋ, ପୁରୁଷଣ୍ଡ, ଉଗରପଡ଼ା, ଆଡିଆ, କୁଆଁର୍ଦା, ଜିରିଣା ଆଦି ଅଞ୍ଚଳରୁ ୮୦ରୁ ଊର୍ଦ୍ଧ୍ୱ ଘଣ୍ଟ, ଜିଭ ଫୋଡ଼ା, ପିଠି ଫୋଡ଼ା ପାଟୁଆ ଦଳ ଶୋଭାଯାତ୍ରାରେ ଆସି ମହାଦେବଙ୍କ ପୀଠରେ ମାନସିକ ଭାଙ୍ଗିବେ। ପ୍ରତ୍ୟେହ ସନ୍ଧ୍ୟାରେ ପ୍ରବଚକ ପଣ୍ଡିତ ମନୋଜ ରଥ, ପଣ୍ଡିତ ବସନ୍ତ ବିଶୋଇ, ଶାରଦା ପ୍ରସାଦ କରଙ୍କ ଦ୍ୱାରା ରାମଚରିତ କଥାମୃତ ଉପରେ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ତିନିଦିନ ବ୍ୟାପୀ ପାଳନ ହେବାକୁ ଥିବାବେଳେ ଶେଷ ଦିବସରେ ରାବଣ ପୋଡ଼ି ଉତ୍ସବ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କମିଟିର ଧ୍ରୁବ ଚରଣ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ରଞ୍ଜନ ପାଣିଗ୍ରାହୀ, ବାବୁରାମ ମଲ୍ଲିକ, ସନାତନ ମହାନ୍ତି, ସୁବାସ ସାହୁ, ଅଶୋକ ପରିଡ଼ା, ବିପିନ ଶତପଥୀ, ପଦ୍ମନାଭ ଖଟୁଆ, ବାବୁ ନାୟକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଉତ୍କଳ କେଶରୀ ସାହିତ୍ୟ ସଂସଦର ବସନ୍ତ ଆସର


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବନ୍ତ,୭।୪ (ହରିନାରାୟଣ ମହାନ୍ତି)

ବନ୍ତ ଉତ୍କଳ କେଶରୀ ସାହିତ୍ୟ ସଂସଦ ପକ୍ଷରୁ ବସନ୍ତ ଆସର ରବିବାର ଶ୍ରୀବନ୍ତପୁରସ୍ଥିତ ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପସଭାପତି ଅକ୍ଷୟ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଆସରରେ ଅଲୋଚକ ଭାବେ ଡ. ଶୁଭେନ୍ଦ୍ର ମିଶ୍ର, ଶିଶୁ ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ବାରିକ ଓ କବି ଗଣେଶ ପ୍ରସାଦ କରଶର୍ମା ଯୋଗଦେଇ ସବୁଜ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କବୟିତ୍ରୀ ଦୀପ୍ତି ଦେବଦର୍ଶିନୀ ସୂତାର ଓ ରମାକାନ୍ତ ଜେନାଙ୍କ ସଂଯୋଜନାରେ କବି ଚତୁର୍ଭୁଜ ପହି, ନାରାୟଣ ଚନ୍ଦ୍ର ଲେଙ୍କା, ଭାଗବତ ସାହୁ, ରତ୍ନାକର ଦାଶ, ସୁବୋଧ ସାହୁ, ଆଲୋକ ରଞ୍ଜନ ମୁଖାର୍ଜୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଗଣେଶ ପ୍ରସାଦ କରଶର୍ମାଙ୍କ ଲିଖିତ 'ମନୀଷୀ ମନୀଷା' ଓ 'ଜୀବନ ଖୋଜା ଚାଲିଛି' ପୁସ୍ତକ ଉନ୍ମୋଚନ କରାଯାଇଥିଲା। କବି ଜଗନ୍ନାଥ ପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମହେଶ୍ୱର ଜେନା, ଶ୍ରୀଧର ଜେନା, ଦାମୋଦର ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଜିଲାରେ ୧୩୦ ସଖୀ ବୁଥ୍

## ସବୁ ବୁଥ୍‌ରେ ଆବଶ୍ୟକ ସୁବିଧା ନେଇ ଜିଲାପାଳଙ୍କ ସମୀକ୍ଷା

ଭଦ୍ରକ,୭।୪(ସନାତନ ରାଉତ)


ସମୀକ୍ଷା ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଅଧିକାରୀମାନେ।

ସାଧାରଣ ନିର୍ବାଚନରେ ମତଦାନ ପାଇଁ ଭଦ୍ରକ ଜିଲାର ସମସ୍ତ ବୁଥ୍‌ରେ ମତଦାତାଙ୍କ ଲାଗି ଆବଶ୍ୟକ ସର୍ବନିମ୍ନ ସୁବିଧା ବିଷୟରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମୀକ୍ଷା କରିଛନ୍ତି। ସଦ୍‌ଭାବନା ସଭାଗୃହରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରିଟର୍ଣ୍ଣିଂ ଅଫିସର ଭାବେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ଓ ସମ୍ବିତ କୁମାର ଗଡ଼ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାରେ ମତଦାନ ପାଇଁ ସମୁଦାୟ ୧୩୦୯ଟି ବୁଥ୍ ରହିଛି। ସମସ୍ତ ବୁଥ୍‌ରେ ପାନୀୟ ଜଳ, ଶୌଚାଳୟ, ର୍‍ୟାମ୍ପ, ଆଶ୍ରୟ ସ୍ଥଳ, ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ହୁଇଲ୍ ଚେୟାର, ବୁଥ୍ ପରିସରରେ ଭୋଟର ସହାୟତା କେନ୍ଦ୍ର, ଚୌକି ବ୍ୟବସ୍ଥା ଆଦି ଉପଲବ୍ଧ ନେଇ ବିଡିଓ ଏବଂ ତହସିଲଦାରମାନେ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲାରେ ୨୬୦ଟି ଆଦର୍ଶ ବୁଥ୍ ରହିଛି। ସେଥିମଧ୍ୟରୁ ୧୩୦ଟି ସଖୀ ବୁଥ୍ ଏବଂ ଅନ୍ୟ ୧୩୦ ବୁଥ୍‌କୁ ଆଞ୍ଚଳିକ ସଂସ୍କୃତି, କ୍ରୀଡ଼ା, ସବୁଜ ସାଥୀ ବୁଥ୍ ଭାବେ ପ୍ରସ୍ତୁତ କରାଯିବ। ମତଦାନ ତାରିଖ ପୂର୍ବରୁ ସମସ୍ତ ବୁଥ୍‌ରେ ଏହି ସୁବିଧା ଉପଲବ୍ଧ କରାଇବାକୁ ଜିଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡେପୁଟି କଲେକ୍ଟର (ନିର୍ବାଚନ) ସାଗରିକା ସାହୁ, ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ୍, ଜିଲାର ସମସ୍ତ ବିଡିଓ, ତହସିଲଦାର ଓ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ।

**ଛାତରୁ ଖସି ମହିଳାଙ୍କ ମୃତ୍ୟୁ**

ଗୋପବନ୍ଧୁ ନଗର(ଶାନ୍ତନୁ କୁମାର ମଡୁଆଲ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ତଥା ଡୁକୁରା ଫାଣ୍ଡି ଅନ୍ତର୍ଗତ ବାସିପିଠା ଗ୍ରାମର ଜଣେ ମହିଳା ନିଜ ଘର ଛାତରୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ଦ୍ରୌପଦି ସିଂ (୪୯)। ସେ ଛାତରୁ ଓହ୍ଲାଉଥିବା ବେଳେ ଅସାବଧାନତା ବଶତଃ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବାରିପଦା ଡାକ୍ତରଖାନା ନେଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୧୯/୨୪) ରୁଜୁ ହୋଇଛି।

## ସଂକ୍ଷେପରେ

### ଦାଦାଙ୍କୁ ଗୋଡ଼ାଇ ହାଣିଲେ ୨ ପୁତୁରା

ଉଦଳା,୭।୪(ସନ୍ତୋଷ କୁମାର ବାଛିନୀ)- ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ କଲୋନୀସାହି ଗ୍ରାମରେ ଘରୋଇ କଳହରୁ ୨ ପୁତୁରା ନିଜ ଦାଦାଙ୍କୁ ଗୋଡ଼ାଇ ଗୋଡ଼ାଇ କଟୁରିରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, କଲୋନୀସାହି ଗ୍ରାମର ରବୀନ୍ଦ୍ର ତିରିଆ ତାଙ୍କର ବଡ଼ ଭାଇ କସ୍ତୁରାମ ତିରିଆଙ୍କ ପ୍ରଥମ ସ୍ତ୍ରୀଙ୍କ ୨ପୁଅଙ୍କୁ ତାଙ୍କ ଭାଇ ଘରେ ରହିବାକୁ ଦେଉ ନ ଥିଲେ। ସୋମବାର ରବୀନ୍ଦ୍ର ବଡ଼ ଭାଇ ଘର ପାଖକୁ ଯାଇ ୨ ପୁତୁରା ଏବଂ ଭାଉଜଙ୍କୁ ଗାଳି ଗୁଲଜ କରିଥିଲେ। ଏନେଇ ଉତ୍କ୍ଷିପ୍ତ ହୋଇ ୨ ପୁତୁରା ଠେଙ୍ଗା ଏବଂ କଟୁରି ଧରି ଦାଦାଙ୍କୁ ଆକ୍ରମଣ କରିଥିଲେ। ଗୋଡ଼ାଇ ଗୋଡ଼ାଇ ସମିବୃକ୍ଷ ନିକଟରେ ଥିବା ଏକ ବିଲ ଭିତରେ କଟୁରିରେ ହାଣି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପରେ ଉଭୟ ନିଜ ଘରେ ଯାଇ ରହିଥିଲେ। ବିଲରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ୨ ପୁତୁରାଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି ଓ ଠେଙ୍ଗା ଜବତ ହୋଇଛି।

### ବାଲି ବୋଝେଇ ଟ୍ରାକ୍ଟର ଜବତ

ମୋରଡ଼ା,୭।୪(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଞ୍ଚଳରୁ ପୋଲିସ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି। ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନଙ୍କ ସୂଚନା ଅନୁଯାୟୀ, ରବିବାର ସକାଳେ ଫାଣ୍ଡି ଅଧିକାରୀ ଓ କନଷ୍ଟେବଲ ସୁଶାନ୍ତ ବିନ୍ଧାଣୀ ପାଟ୍ରୋଲିଂ କରୁଥିବା ସମୟରେ ଚିତ୍ରଡ଼ା ପୋଷ୍ଟ ଅଫିସ ନିକଟରେ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର(ଓଡି-୧୧ଏକ୍ସ-୩୬୦୭)କୁ ଜବତ କରି ଫାଣ୍ଡିକୁ ଆଣିଥିଲେ। ଘଟଣାରେ ଡ୍ରାଇଭର ଦୁଷ୍ମନ୍ତ ପଲେଇଙ୍କୁ ମଧ୍ୟ ଗିରଫ କରଯାଇଛି।

### ପାରିବାରିକ କଳହକୁ ନେଇ ମରଣାନ୍ତକ ଆକ୍ରମଣ

ଗୋପବନ୍ଧୁ ନଗର,୭।୪(ଶାନ୍ତନୁ କୁମାର ମଡୁଆଳ): ମୟୂରଭଞ୍ଜ ଖୁଣ୍ଟା ଥାନା ଭୂପଡ଼ ଗ୍ରାମ ଲୋଧା ବସ୍ତିରେ ପାରିବାରିକ କଳହକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଛି। କୌଣସି କଥାକୁ ନେଇ ଗ୍ରାମର ରଘୁ ଭକ୍ତା (୩୫) ଓ ପଡ଼ୋଶୀ ବିଜୟ ଭକ୍ତା (୨୮)ଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ବିଜୟ ଉତ୍ତ୍ୟକ୍ତ ହୋଇ ଭୁଜାଲିରେ ରଘୁଙ୍କୁ ହାଣି ଦେଇଥିଲେ। ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଡୁକୁରା ଫାଣ୍ଡିରେ ରଘୁ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ଥାନାରେ ଏକ ମାମଲା(ନଂ.୧୧୯/୨୪)ରେ ରୁଜୁ ହୋଇଥିବା ଏସ୍‌ଆଇ ସୂର୍ଯ୍ୟନାରାୟଣ ପତି କହିଛନ୍ତି।

# ବିକାଶଧାରା ଜାରି ରଖିବାକୁ ପ୍ରତିଶ୍ରୁତି

## ମୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର ଆରମ୍ଭ

ବାରିପଦା, ୭।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ମୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ହେବା ପରେ ନିର୍ବାଚନୀ ଉଷ୍ମତା ବାରି ହୋଇପଡ଼ିଲାଣି। ଏହି ନିର୍ବାଚନମଣ୍ଡଳୀରୁ ପ୍ରୀତିନନ୍ଦା କାନୁନଗୋଙ୍କୁ ବିଜେଡି ପ୍ରାର୍ଥୀ କରିଛି। ନିର୍ବାଚନୀ ପ୍ରଚାର ଶୁଭାରମ୍ଭ ହେବା ସହ ପ୍ରଚାର ମଇଦାନ ବି ସରଗରମ ହୋଇଛି। ଏହି କ୍ରମରେ ନିର୍ବାଚନମଣ୍ଡଳୀ ଅଧୀନ ଶୁଳିଆପଦା ବ୍ଲକର ଭୂଷକୁଣ୍ଡାଠାରେ ରବିବାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ଲୋକ ସଭା ପ୍ରାର୍ଥୀ ସୁଦାମ ମାରାଣ୍ଡି ଏବଂ ବିଧାୟିକା ପ୍ରାର୍ଥିନୀ ପ୍ରୀତିନନ୍ଦାଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ସମ୍ବର୍ଦ୍ଧନା ଜଣାଇଛନ୍ତି। ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ରହି ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାକୁ ନିର୍ବାଚନମଣ୍ଡଳୀରେ ଜାରି ରଖିବେ ବୋଲି ଉଭୟ ପ୍ରାର୍ଥୀ



ନିର୍ବାଚନୀ ସଭାରେ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ସହ ଦଳର କାର୍ଯ୍ୟକର୍ତ୍ତାମାନେ।

ପ୍ରତିଶ୍ରୁତି ଦେଇଛନ୍ତି। ଲୋକଙ୍କର ତାଙ୍କ ପ୍ରତି ଥିବା ଭଲପାଇବାକୁ ପାଥେୟ କରି ଆଗାମୀ ନିର୍ବାଚନ ରଣାଙ୍ଗନକୁ ଅବତୀର୍ଣ୍ଣ ହୋଇଛନ୍ତି। ସାଧାରଣ ଲୋକଙ୍କ ସ୍ୱରକୁ ନେଇ ସଂସଦ ଓ ବିଧାନସଭାରେ ଉପସ୍ଥାପନ କରିବା ପାଇଁ ଲୋକଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି।

ଏହି ଅବସରରେ ଧାତିକା ପଞ୍ଚାୟତର ଅବସରପ୍ରାପ୍ତ ସେନା କର୍ମଚାରୀ ଜଗବନ୍ଧୁ ଧଳ ବିଜେଡିରେ ଯୋଗ ଦେଇଛନ୍ତି। ବାରିପଦା ପୌରାଧ୍ୟକ୍ଷ ତଥା ନିର୍ବାଚନମଣ୍ଡଳୀ ସଂଯୋଜକ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୁଇ ପ୍ରାର୍ଥୀଙ୍କ ସହ ବିଧାୟକ ରାଜକିଶୋର ଦାସ, ଆମ ଓଡ଼ିଶା ନବୀନ ଓଡ଼ିଶାର ସଂଯୋଜକ ସୁନିଲ କୁମାର ଦାଶ, ଜଙ୍ଗଲ ଓ ପରିବେଶ ବିଭାଗ ରାଜ୍ୟ ଉପଦେଷ୍ଟା ନାରାୟଣ ପଟ୍ଟନାୟକ, ଶୁଳିଆପଦା ବ୍ଲକ ଅଧ୍ୟକ୍ଷା ପାନମଣି ମାରାଣ୍ଡି, ଉପାଧ୍ୟକ୍ଷ ଜ୍ୟୋତିଲାଲ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ମୀରାଲତା ସିଂ ଓ ନଗେନ କିସ୍କୁ, ବ୍ଲକ ସଂଯୋଜକ ସଞ୍ଜୀବ ଦେ, ଜୋନ୍ ସଂଯୋଜକ ପୁରୁଷୋତ୍ତମ ଘୋଷ, ନୀଳକଣ୍ଠ ମହାନ୍ତ, ବିଜେଡି ବ୍ଲକ ସଭାପତି ଦିବ୍ୟଲୋଚନ ଦାସ, ବିଜୁ ମହିଳା ଜନତା ଦଳର ବ୍ଲକ ସଭାନେତ୍ରୀ ସୁମିତ୍ରା ବାରିକ, ବିଜୁ ଯୁବ ଜନତା ଦଳର ବ୍ଲକ ସଭାପତି ସତ୍ୟନାରାୟଣ ସାହୁ, ବିଜୁ ଛାତ୍ର ଜନତା ଦଳର ବ୍ଲକ ସଭାପତି ରାହୁଲ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଜବତ


ଜବତ ହୋଇଥିବା ଗହଣା।

ବାରିପଦା,୭।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ୧୯ନଂ. ରାଜ୍ୟ ରାଜପଥର କଇଁଫୁଲିଆଠାରେ ସିଟି ଜିଏସଟି, ଫ୍ଲାଇଂ ସ୍କ୍ୱାଡ୍ ଓ ପରିବହନ ବିଭାଗ ମିଳିତ ଚଢ଼ାଉ କରି ୬ଲକ୍ଷ ୭୪ ହଜାର ୧୭୩ ଟଙ୍କାର ଗହଣା ଜବତ କରିଛନ୍ତି। ସୂଚନାଯୋଗ୍ୟ, ଅବାଧ ଓ ତ୍ରୁଟିଶୂନ୍ୟ ନିର୍ବାଚନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲାରେ କଡାକଡ଼ି ଯାଞ୍ଚ କରାଯାଉଛି। ବାରିପଦା ସହରକୁ ପ୍ରବେଶ ଓ ପ୍ରସ୍ଥାନ ପଥରେ ମିଳିତ ଭାବେ ଯାଞ୍ଚ ହେଉଛି। ବାରିପଦାରୁ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର କଇଁଫୁଲିଆ ଛକଠାରେ ସିଟି ଜିଏସ୍‌ଟି ଓ ଫ୍ଲାଇଂ ସ୍କ୍ୱାଡ୍ ଟିମ ମିଳିତ ଭାବେ ଏକ କାର୍ (ଓଆର ୧୧କେ-୯୪୨୬)କୁ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଉକ୍ତ କାର୍‌ରୁ ସୁନା ଓ ରୁପା ଅଳଙ୍କାର ମିଳିଥିଲା। ନିର୍ବାଚନ ସମୟରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର କାର୍ ଯୋଗେ ନିଆଯିବା ସନ୍ଦେହ ସୃଷ୍ଟି କରିଛି। ତେବେ ଏହି ଗହଣା କୁଆଡ଼େ ଯାଉଥିଲା ତାହା ସ୍ପଷ୍ଟ ହୋଇନାହିଁ।

# ଫାଇନାଲରେ ୩୧ ନୃତ୍ୟ ପ୍ରତିଯୋଗୀ



ବିଚାରକ ଓ କମିଟି କାର୍ଯ୍ୟକର୍ତ୍ତାମାନେ।

ବାରିପଦା,୭।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ବଳାଙ୍ଗୀ ଟ୍ୟାଲେଣ୍ଟ ହଣ୍ଟ ମେଗା ଅଡିଶନ

ମୟୂରଭଞ୍ଜ ଜିଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ବିକାଶ ନିମନ୍ତେ ଚଳିତ ବର୍ଷ ଏପ୍ରିଲ ୧୪ ରୁ ୨୨ତମ ରାଜ୍ୟସ୍ତରୀୟ ବଳାଙ୍ଗୀ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ରବିବାର ବାରିପଦା ଡିଭାଇନ ଇଞ୍ଜିନିୟରିଂ କଲେଜ ପରିସରରେ ପ୍ରତିଭା ଚୟନ ଭିତ୍ତିକ କାର୍ଯ୍ୟକ୍ରମ ବଳାଙ୍ଗୀ ଟ୍ୟାଲେଣ୍ଟ ହଣ୍ଟ ମେଗା ଅଡିଶନ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଅଧ୍ୟକ୍ଷ ଅରବିନ୍ଦ ଦାସ, ସାମାଜିକ କର୍ମୀ ରଜତ ପଣ୍ଡା, କମଳେନ୍ଦୁ ଲାଲ ମହାନ୍ତ, ଉପାଧ୍ୟକ୍ଷ ରାଜୀବ ଲୋଚନ ସେନାପତି, କାର୍ଯ୍ୟକାରୀ ସମ୍ପାଦକ ଦୀପକ ନାୟକ, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମରେଶ ନାୟକ, ଉପଦେଷ୍ଟା ବଳରାମ ବେହେରା, ନରେନ୍ଦ୍ର ମୋହନ ସେନାପତି ପ୍ରମୁଖ ଯୋଗଦେଇ ବଳାଙ୍ଗୀ ମହୋତ୍ସବର ଲକ୍ଷ ଏବଂ ଉଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଅଡିଶନରେ ସବ୍ ଜୁନିୟର, ଜୁନିୟର ଏବଂ ସିନିୟର ବିଭାଗରେ ଶତାଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବରେ କୋରିଓଗ୍ରାଫର ବୁଲେଟ ରାଜା ଏବଂ ମାଷ୍ଟର କିସୁନ ଯୋଗଦେଇଥିଲେ। ଅଡିସନରେ କୃତକାର୍ଯ୍ୟ ହୋଇଥିବା ୩୧ଜଣ ପ୍ରତିଯୋଗୀ ବଳାଙ୍ଗୀ ମହୋତ୍ସବ ମଞ୍ଚରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ବଳାଙ୍ଗୀ ସେନାର ମିଥୁନ ବାରିକ, ଦିଲ୍ଲୀପ ପାତ୍ର, ରମାକାନ୍ତ ରାଉତ, ପଦ୍ମନାଭ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୋବାଇଲ ଚୋରି ଉଦ୍ୟମ, ୨ ଗିରଫ

ବୈଶିଙ୍ଗା,୭।୪(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ବଜାରରୁ ରବିବାର ଚୋରି ଉଦ୍ୟମ ବେଳେ ୨ ଜଣଙ୍କୁ ଲୋକେ କାବୁ କରିଛନ୍ତି। ଉଭୟଙ୍କୁ ପୋଲିସ ଜିମା ଦେଇଥିଲେ। ଅଭିଯୁକ୍ତ ଦ୍ୱୟ ହେଲେ ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ମରେଇଗାଁ ଅଞ୍ଚଳର ଜିତେନ୍ଦ୍ର ମହାପାତ୍ର ଓ ଗୌରାଙ୍ଗ ଲେଙ୍କା ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ବଜାରରେ ଚପଲ ଦୋକାନ କରିଥିବା ବୈଶିଙ୍ଗା ଗ୍ରାମର ଭବେଶ ଦାସ ଦୋକାନ ଖୋଲିବା ସମୟରେ ୨ ଯୁବକ ଜୋତା କିଣିବାକୁ ପହଞ୍ଚିଥିଲେ। ହଲେ ଜୋତା କିଣି ଦୋକାନୀକୁ ଟଙ୍କା ଦେଇଥିଲେ। ଏହି ସମୟରେ ଜଣେ ଯୁବକ ରାସ୍ତା ଉପରେ ଗାଡ଼ି ଷ୍ଟାର୍ଟ କରି ରଖିଥିବା ବେଳେ ଅନ୍ୟ ଜଣଙ୍କ ଦୋକାନୀଙ୍କ ମୋବାଇଲ ଝାମ୍ପି ନେଇଥିଲେ। ଗାଡ଼ିରେ ବସିବାକୁ ଉଦ୍ୟତ ହେଉଥିବା ସମୟରେ ଭବେଶଙ୍କ ପାଟି ଶୁଣି ସ୍ଥାନୀୟ ଦୋକାନୀ ଯୁବକଙ୍କୁ କାବୁ କରି ଉତ୍ତମ ମଧ୍ୟମ ଦେଇଥିଲେ। ଖବର ପାଇ ବୈଶିଙ୍ଗା ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ଭବେଶଙ୍କ ଲିଖିତ ଅଭିଯୋଗ ପରେ ଏଏସ୍‌ଆଇ ଭାବଗ୍ରାହୀ ମହାନ୍ତ ଏକ ମାମଲା(ନଂ. ୧୨୩/୨୪) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଛନ୍ତି।

# ଲକ୍ଷ୍ମୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଳଛତ୍ର ଶିବିର

ବାଙ୍ଗିରିପୋଷି, ୭।୪ (ସଞ୍ଜୟ କୁମାର ଅଗ୍ରୱାଲା)

ଲକ୍ଷ୍ମୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଯୁକ୍ତ ୨ ଶାଖା ଅନୁକୂଲ୍ୟରେ ଏକଦିବସୀୟ ଜଳଛତ୍ର ଶିବିର କରାଯାଇଛି। ଯୁକ୍ତ ୨ କାର୍ଯ୍ୟକ୍ରମ ଅଧିକାରୀ ସୁନିତା ହେମ୍ବ୍ରମ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ରଙ୍କ ପୌରୋହିତ୍ୟରେ ଶିବିର ଉଦ୍‌ଘାଟନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ପ୍ରବୀର କୁମାର ରାଉତ 'ଜଳ ହିଁ ଜୀବନ' ସମ୍ପର୍କରେ ସ୍ୱେଚ୍ଛାସେବୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ପବିତ୍ର ମୋହନ ଦାସ, ଅଶୋକ ମହାପାତ୍ର, ଡ.ନିର୍ମଳ ଚନ୍ଦ୍ର ସାହୁ, ସତ୍ୟନାରାୟଣ ସାମଲ, ହରିହର ଶଙ୍ଖୁଆ, ଅଧ୍ୟାପକ ଦେବାଶିଷ ବେହେରା, ଅଧ୍ୟାପିକା କିରନ ପାଠକ, ମମତାରାଣୀ ମିଶ୍ର, ଗ୍ରାନ୍ଥାଗାରିକ କରୁଣାକର ବାରିକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ର ବିକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


କଲେଜରେ ଖୋଲାଯାଇଥିବା ଜଳଛତ୍ର।

# ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ମୋରଡା,୭।୪(ସ୍ମାରକ ମାଜୀ)

ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ପାଇଁ ମୋରଡ଼ା ପୋଲିସ ପକ୍ଷରୁ ରବିବାର ଅପରାହ୍ନରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ମୋରଡ଼ା ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କ ନେତୃତ୍ୱରେ ୩ ପ୍ଲାଟୁନ ପୋଲିସ ଫୋର୍ସ ପ୍ରଥମେ ଚିତ୍ରଡ଼ା ଫାଣ୍ଡିରୁ ଶୀର୍ଷାପାଳ ଛକ, ଚିତ୍ରଡ଼ା ବଜାର, ହୋଇ ପୋଷ୍ଟ ଅଫିସ ପର୍ଯ୍ୟନ୍ତ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ପରେ ବରକନ୍ଦ ଛକରୁ ଆରମ୍ଭ ହୋଇ ମୋରଡ଼ା ବଜାର ପର୍ଯ୍ୟନ୍ତ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଆଇନଶୃଙ୍ଖଳା ବଜାୟ ରଖିବା, କୌଣସି ଅସାମାଜିକ କାର୍ଯ୍ୟ ନ ହେବା, ନିର୍ବାଚନ ଆଚରଣ ବିଧି ନିୟମ ଉଲ୍ଲଂଘନ ନ ହେବା ଉପରେ ପୋଲିସ କଡ଼ା ନଜର ରଖିବ। ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ଉପସ୍ଥିତ ଥିଲେ।



# ଖବରଦାତାଙ୍କୁ ଆକ୍ରମଣ କରି ଲୁଟ

ବେତନଟୀ,୭।୪(ଧରଣୀଧର ମହାନ୍ତି)

ବେତନଟୀ ଥାନା ଅଧୀନ ଲଙ୍ଗଳକଟା ନିକଟରେ ଜଣେ ଖବରଦାତାଙ୍କୁ ଶନିବାର ବିଳମ୍ବିତ ରାତିରେ ୩ ଦୁର୍ବୃତ୍ତ ଆକ୍ରମଣ କରି ମୋବାଇଲ, ଟଙ୍କା ଓ ଚେନ ଲୁଟି ନେଇଛନ୍ତି। ଖବରଦାତା ଅତନୁ କୁମାର ନାୟକ ରବିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରଦାତାଙ୍କ ଘର ବଡ଼ସାହି ଥାନା ଅଧୀନ ଅର୍ଜୁନବାରିହା ଅଞ୍ଚଳରେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ମୟୂରଭଞ୍ଜରେ ପ୍ରକାଶ ପାଉଥିବା ଭଞ୍ଜଦୂତ ଖବରକାଗଜର ସମ୍ପାଦକ ଅତନୁ ବାଲେଶ୍ୱରରୁ ବାରିପଦା ଅଭିମୁଖେ ଯାଉଥିଲେ। ଲଙ୍ଗଳାକଟାଠାରେ ଠିଆ ହୋଇଥିବା ବେଳେ ୩ ଜଣ ଯୁବକ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧକ୍କା ମାରି ଗାଡ଼ିରୁ ତଳକୁ ଖସାଇ ଦେଇଥିଲେ। ତାଙ୍କଠାରୁ ମୋବାଇଲ ସୁନା ଚେନ, ମୁଦି ଓ ୧୦ ହଜାର ଟଙ୍କା ଛଡ଼ାଇ ନେଇଥିବା ଏତାଲରେ ଉଲ୍ଲେଖ ରହିଛି। ଅଭିଯୋଗକୁ ଭିତ୍ତି କରି ବେତନଟୀ ପୋଲିସ ଏକ ମାମଲା(ନଂ. ୧୧୯/୨୩) ରୁଜୁ କରି ଲଙ୍ଗଳକଟା ଅଞ୍ଚଳରୁ ୩ ଯୁବକଙ୍କୁ ଥାନାକୁ ଆଣି ତଦନ୍ତ କରୁଛି।

# ଆଶ୍ରମ ବିଦ୍ୟାଳୟରେ ପାଳିଲେ ସ୍ୱାସ୍ଥ୍ୟ ଦିବସ

ବୈଶିଙ୍ଗା, ୭।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ରବିବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ରଚନା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନିଶା ସେବନରୁ ବିରତ ରହି ନିୟମିତ ଯୋଗାସନ ଅଭ୍ୟାସ, ସୁଷମ ଖାଦ୍ୟ ଗ୍ରହଣ, ଜଙ୍କ ଫୁଡ୍ ନ ଖାଇ ଘରୋଇ ପ୍ରସ୍ତୁତ ଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ଦେଲେ ସମସ୍ତେ ସୁସ୍ଥ ରହିବେ। ଶରୀର ସୁସ୍ଥ ରହିଲେ ମନ ପ୍ରଫୁଲ୍ଲ ରହିବ ଏବଂ ଆମେ ଆମର କର୍ତ୍ତବ୍ୟ ଓ କର୍ମ ସମ୍ପାଦନ କରିପାରିବା ବୋଲି ମତପ୍ରକାଶ ପାଇଥିଲା। ପ୍ରଧାନଶିକ୍ଷକ ରଜତ କୁମାର ଦାଶ ଏଥିରେ ପୌରୋହିତ୍ୟ କରିଥିଲେ। ସରସ୍ୱତୀ ଜେନା, ସୁବାସିନୀ ପରିଡ଼ା, ପ୍ରତିମା ପରିଡ଼ା, ମାଳତୀ ମାଝୀ, ମଣ୍ଟୁ ମାର୍ଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।



ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ରାଇକମା ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକ।

# ଟିମ୍-ବିକୁ ହରାଇ ଟିମ୍-ଏ ଚାମ୍ପିୟନ

## ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବାରିପଦା,୭।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମଧୁବନସ୍ଥିତ ମିନି ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ୍‌ଆସୋସିଏଶନ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥେଲେଟିକ ଆସୋସିଏଶନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ ଦଳକୁ ନେଇ ୧୧ ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଟିମ୍-ଏ ଦଳ ଟିମ୍-ବିକୁ ୯ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଟିମ୍-ବି ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚନ୍ଦନ ସିଂ ୧୦୨ ରନ କରିଥିବା ବେଳେ ବିପକ୍ଷ ଦଳର ରୋଶନ ଚୌଧୁରୀ ୩ ଉଇକେଟ ଅକ୍ତିଆର କରିଥିଲେ। ଟିମ୍-ଏ ବିଜୟ ଲକ୍ଷ୍ୟ ପିଛା କରି ୧୨.୧ ଓଭରରେ ଏକ ମାତ୍ର ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଦଳ ପକ୍ଷରୁ ରୋଶନ ଚୌଧୁରୀ ୮୯ ଓ ଜିଏନ ବିଶ୍ୱପ୍ରକାଶ ସାହୁ ୫୮ ରନ ସଂଗ୍ରହ କରିଥିଲେ। ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ଟୁର୍ନାମେଣ୍ଟରେ ସର୍ବାଧିକ ୫୧୭ ରନ ଓ ୫ ଟି ଉଇକେଟ ଅକ୍ତିଆର କରିଥିବା ଚନ୍ଦନ ସିଂଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଶ୍ରେଷ୍ଠ ଖେଳାଳି, ହ୍ୟାଟ୍ରିକ ସହ ୧୧ ଟି ଉଇକେଟ ଅକ୍ତିଆର କରିଥିବା ପ୍ରିୟଙ୍କ ପଟ୍ଟନାୟକ ଶ୍ରେଷ୍ଠ ବୋଲର ଏବଂ ଫାଇନାଲ ମ୍ୟାଚରେ ୮୯ ରନ କରିବା ସହ ୩ ଉଇକେଟ ଅକ୍ତିଆର କରିଥିବା ରୋଶନ ଚୌଧୁରୀଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଦୀପକ ଦେହୁରୀ ଓ ଦିବ୍ୟରଞ୍ଜନ ସାହୁଙ୍କୁ ଉଦୀୟମାନ ଖେଳାଳି ଭାବେ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ବିଜୟ ଦାସଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ସଭ୍ୟ କିଶୋର ଚନ୍ଦ୍ର ସିହ୍ନା, କୁମାର ରଞ୍ଜନ ପଣ୍ଡା, ଅନ୍ନଦା ଦାଶ, ଲୋହିତ ଦାସ, ଗଦାଧର ବେହେରା, ସତ୍ୟାନନ୍ଦ ଶେଜପଡ଼ା, ଅଶୋକ ରାଉତ, ସମ୍ପାଦକ ହରପ୍ରସାଦ ପାତ୍ର, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମର ସେଠୀ, ରବୀନ୍ଦ୍ର ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କ ସହ ବିଜେତା, ଉପବିଜେତା ଖେଳାଳିମାନେ।

## ପାଣିରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ବାଲିଆପାଳ,(ଅମୂଲ୍ୟ କୁମାର ଦାସ)- ବାଲେଶ୍ୱର ଜିଲା ସିଂଲା ଥାନା ପୁଟୁରା ପଞ୍ଚାୟତ ଅନ୍ତର୍ଗତ କମାରଗଡ଼ିଆ ଗ୍ରାମରେ ପାଣିରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଶମ୍ଭୁନାଥ ଶାସମଲଙ୍କ ସ୍ତ୍ରୀ ସୁମିତ୍ରା (୭୦)। ସୋମବାର ସକାଳେ ସେ ଶୌଚ ପାଇଁ ଘରପାଖ ଗାଡ଼ିଆକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ସିଂଲା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୫/୨୪) ରୁଜୁ ହୋଇଛି।



# ନାମଲେଖା ହେଲାଣି,ଘର କାମ ସରୁନି

■ଆଦର୍ଶ ବିଦ୍ୟାଳୟ ନିର୍ମାଣରେ ବିଳମ୍ବ

■ନିମ୍ନମାନର କାର୍ଯ୍ୟକୁ ବିଭାଗର ଅଣଦେଖା

ବାଲେଶ୍ୱର,୭।୪(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ହିଞ୍ଜିଳା ଗ୍ରାମରେ ଆଦର୍ଶ ବିଦ୍ୟାଳୟ ନିର୍ମାଣରେ ବିଳମ୍ବ ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଚଳିତ ବର୍ଷ ବିଦ୍ୟାଳୟରେ ପାଠପଢ଼ା ପାଇଁ ନାମ ଲେଖା ଆରମ୍ଭ ହୋଇଛି। ମାତ୍ର କାର୍ଯ୍ୟ ଶେଷ ହେବା ଅବଧିର ୪ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ମଧ୍ୟ ବିଦ୍ୟାଳୟ ଗୃହ ଛାତ ପଡ଼ିପାରି ନାହିଁ।

ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥି ପାଇଁ ସମସ୍ତ ଅଫିସିଆଲ କାର୍ଯ୍ୟ ଶେଷ ହେବା ପରେ ଠିକାଦାର ଭାବେ ଏଲ.ପି. ଆସୋସିଏଟ୍‌କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ୨୦୨୨ ନଭେମ୍ବର ୨୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପର ବ୍ୟୟ ଅଟକଳ ୭ କୋଟି ୯୪ ଲକ୍ଷ ୬୭ ହଜାର ଟଙ୍କା ଥିବା ବେଳେ ୨ ବର୍ଷ ଭିତରେ କାର୍ଯ୍ୟ ଶେଷ କରିବା ଲାଗି ସମୟସୀମା ଧାର୍ଯ୍ୟ କରାଯାଇଥିଲା।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଠିକାଦାର ଏହି ବିଦ୍ୟାଳୟ କାର୍ଯ୍ୟକୁ ଠିକ୍ ଭାବରେ କରୁ ନାହାଁନ୍ତି। ନିମ୍ନମାନର ପଥର, ବାଲି, ମୁଣ୍ଡା ସିମେଣ୍ଟ ଓ କଳଙ୍କି ଲାଗି ଯାଇଥିବା ରଡ୍ ଘର ତିଆରି କାର୍ଯ୍ୟରେ ବ୍ୟବହାର କରାଯାଉଛି। ବିଭାଗୀୟ ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀ କେହିବି ତଦାରଖ କରୁ ନାହାଁନ୍ତି। ଏପରିକି ସ୍ଥାନୀୟ ଲୋକେ ଅଭିଯୋଗ କଲେ ଗୁଣ୍ଡା ଶ୍ରେଣୀୟ ଲୋକମାନଙ୍କ ଦ୍ୱାରା ଧମକ ଚମକ ଦିଆଯାଉଛି।

ଆଦର୍ଶ ବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ପ୍ରଦୀପ କୁମାର ସାହୁ କୁହନ୍ତି, ସ୍ଥିରିକୃତ ଜମିରେ ଅସୁବିଧା ଥିବା କାରଣରୁ ବିଦ୍ୟାଳୟଟି ପଞ୍ଚାୟତ ବାହାରକୁ ପଳାଇବାକୁ ଯାଉଥିଲା। ଏଥିପାଇଁ



ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ କୋଠା।

ଗ୍ରାମବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟରୁ ଡିଗ୍ରୀ ପାଇବା ପରେ ହିଞ୍ଜିଳା ଗ୍ରାମ ପଡ଼ିଆରେ ହେବାକୁ ସ୍ଥିର ହେଲା। ୨୦୨୨ ନଭେମ୍ବର ୨୬ରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲେ ମଧ୍ୟ ଏ ଯାବତ ଛାତ ପଡ଼ି ନାହିଁ। ଅବିଳମ୍ବେ କାର୍ଯ୍ୟ ଶେଷ ନ କରାଗଲେ କମିଟି ପକ୍ଷରୁ ହାଇକୋର୍ଟର ଆଶ୍ରୟ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳର ରାଜମିସ୍ତ୍ରି ଚୈତନ୍ୟ ସାହୁ କୁହନ୍ତି, ଘର କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି। ଛାତ ପକାଇବା ପାଇଁ ବିଛା ହୋଇଥିବା ରଡ୍‌ରେ ମଧ୍ୟ କଳଙ୍କି ଲାଗିଛି। ଲାଗିଥିବା ରିଙ୍ଗ୍‌ଗୁଡ଼ିକ ବଡ଼ ବଡ଼ କରି ପୁଣି ବଙ୍କା କରି ବ୍ୟବହାର ହୋଇଛି। ଏପରି ନିମ୍ନମାନର କାର୍ଯ୍ୟ ହେଲେ ବିଦ୍ୟାଳୟ ଗୃହ ଅଳ୍ପ ଦିନରେ ନଷ୍ଟ ହୋଇଯିବ ବୋଲି ସେ କହିଛନ୍ତି। ଦାୟିତ୍ୱରେ ଥିବା ବାଲେଶ୍ୱର ପୂର୍ତ୍ତ ବିଭାଗ ଡିଭିଜନ-୨ର ଅଧୀକ୍ଷଣ ଯନ୍ତ୍ରୀ ଇଂ.ପିନାକି ପ୍ରସାଦ ସ୍ୱାଇଁଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ସମୟସୀମା ଶେଷ ହେବା ପରେ ଠିକାଦାରଙ୍କୁ ବାରମ୍ବାର ନୋଟିସ୍ ଦିଆଯାଇଥିଲା। ପରେ କିଛିଦିନ ଭିତରେ କାର୍ଯ୍ୟ ଶେଷ କରିବା ପାଇଁ ଚୁକ୍ତି କରିଥିଲା। ତାହାର ମଧ୍ୟ ସମୟ ଶେଷ ହୋଇଯାଇଛି। ନିମ୍ନମାନର କାର୍ଯ୍ୟ ଉପରେ ଧ୍ୟାନ ଦିଆଯିବ। ଛାତ ପାଇଁ ବନ୍ଧାଯାଇଥିବା ରଡ୍‌କୁ ଭଲ ଭାବରେ ତଦାରଖ କରି ଖୁବ୍ ଶୀଘ୍ର କାର୍ଯ୍ୟ ଶେଷ କରାଯିବ ବୋଲି ସେ କହିଛନ୍ତି।

# ହରିବୋଲ ଧ୍ୱନିରେ କମ୍ପୁଛି ଚନ୍ଦନେଶ୍ୱର ଶୈବପୀଠ



ଚନ୍ଦନେଶ୍ୱର ମନ୍ଦିରରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ।

ଭୋଗରାଇ,୭।୪(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱ ପ୍ରସିଦ୍ଧ ଚୈତ୍ର ଚଡ଼କମେଳା ଏପ୍ରିଲ ୧ରୁ ଆରମ୍ଭ ହୋଇଛି। ଏଥି ନିମନ୍ତେ ଚନ୍ଦନେଶ୍ୱର ପୀଠ ଚଳଚଞ୍ଚଳ ହେବା ସହିତ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବାଂଲାଦେଶରୁ ଅସଂଖ୍ୟ ଶୈବଭକ୍ତ ଆଗମନରେ ଶୈବପୀଠ ମୁଖରିତ ହୋଇଛି। ହୁଗୁଳି ଗ୍ରାମର ଅଧିଷ୍ଠିତ ଜଳଯନ୍ତ୍ର ଦେବତାଙ୍କଠାରେ ପାଞ୍ଚ ଅର୍ଘ୍ୟ ଉପବିତ ଧାରଣ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଭିଡ଼କୁ ନିୟନ୍ତ୍ରଣ କରିବା ନିମନ୍ତେ ୧୯ ପ୍ଲାଟୁନ ପୋଲିସ ଫୋର୍ସ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ଭକ୍ତଙ୍କ ଆଗମନ ଓ ପ୍ରସ୍ଥାନ ନିମନ୍ତେ ବିଜୁ ପଟ୍ଟନାୟକ ଗୋଲେଇ ପାଖରୁ ମନ୍ଦିର ପର୍ଯ୍ୟନ୍ତ ବ୍ୟାରକେଡ୍ କରାଯାଇ ଧାଡିକିଆ ଦର୍ଶନ ନିମନ୍ତେ ଅନୁମତି ଦିଆଯାଉଛି। ମନ୍ଦିର ସମେତ ସିଂହଦ୍ୱାର ଓ ଦକ୍ଷିଣ ଦ୍ୱାରରେ ସିସି କ୍ୟାମେରା ଖଞ୍ଜା ଯାଇଥିବା ବେଳେ ପୋଲିସ କଡ଼ା ନଜର ରଖୁଛି। ମହାଦେବଙ୍କ ମନ୍ଦିର ବିଦ୍ୟୁତ୍ ରଙ୍ଗୀନ ଆଲୋକ ମାଳାରେ ଝଟକୁଥିବାବେଳେ ସେବାୟତ ଓ ପଣ୍ଡାମାନଙ୍କ ନୀତିକାନ୍ତି ପୂଜାର୍ଚ୍ଚନା, ବିଶେଷ ଚଡ଼କ ସେବାପୂଜା ହେଉଛି । ଘଣ୍ଟା, ଝାଲି, ମୃଦଙ୍ଗ, ଶଙ୍ଖ,ସାହାନାଇ ବାଦ୍ୟ ଓ ଶୈବଭକ୍ତଙ୍କ ହରିବୋଲ ଧ୍ୱନିରେ ପୀଠ ପ୍ରକମ୍ପିତ ହେଉଛି। ଚନ୍ଦନେଶ୍ୱର ଜୀଉଙ୍କ ୪ କି.ମି ବ୍ୟାପ୍ତ ପରିଧି ମଧ୍ୟରେ

## ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଆଗତ ଉପବିତଧାରୀ ଶୈବଭକ୍ତମାନେ ବିଭିନ୍ନ ଘର ଭଡା ଓ ଅସୁରକ୍ଷିତ ତମ୍ବୁ ତଳେ ଶିବଙ୍କୁ ଆରାଧନା ନିମନ୍ତେ ବାସସ୍ଥାନ କରି ରହିଛନ୍ତି। ରବିବାର ୬ ଅର୍ଘ୍ୟରେ ମହାଦେବଙ୍କ ମୁଖ୍ୟ ସେବାୟତ ମୌରସୀ ତପନ କୁମାର ପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡା ଜୀଉଙ୍କଠାରେ ଆଜ୍ଞାମାଳ ନେଇଁ ଶ୍ରେଷ୍ଠ ଭକ୍ତ ପାଟ ଭକ୍ତ ହରିଶ ଚନ୍ଦ୍ର ସାହୁ, ଦେଉଳିଆ ଅଜିତ ପାତ୍ରଙ୍କ ସମେତ ଶ୍ରୀବେକଡ଼ି, ବାଦ୍ୟକାରମାନେ କୌଳିକ ରୀତି ଓ ନୀତି ଅନୁଯାୟୀ ମନ୍ଦିର ପରିକ୍ରମପରେ ଜୀଉଙ୍କ ଅର୍ଘ୍ୟ ପିଣ୍ଡରେ ଅର୍ଘ୍ୟଦାନ କରିଛନ୍ତି। ସୋମବାର ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ କାମିନୀ ଠାକୁରାଣୀଙ୍କ ବିବାହ ନିମନ୍ତେ କନ୍ୟା ସ୍ୱୀକୃତି ପାଇଁ ବିଶେଷ ପୂଜା ପାଠ ସେବାୟତଙ୍କ ଦ୍ୱାରା ଆୟୋଜନ କରାଯାଇଛି। ଜଗନ୍ନାଥପୁର ଓ ବାଡ଼ସରିସାଠାରେ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିବା ଓ ସମ୍ବେଦନଶୀଳ ସ୍ଥାନରେ ପୋଲିସ ମୁତୟନ କରାଯାଇଥିବା ଜଳେଶ୍ୱର ଏସଡିପିଓ ଦିଲ୍ଲୀପ କୁମାର ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ଟ୍ରଷ୍ଟବୋର୍ଡ଼ର କାର୍ଯ୍ୟନିର୍ବାହୀ ଅଧିକାରୀ ହିମାଂଶୁ ଶେଖର ଗିରି, ଭୋଗରାଇ ଥାନାଧିକାରୀ ସୁଦୀପ୍ତ କୁମାର ସାହୁ, ତାଳସାରୀ ମେରାଇନ ଥାନାଧିକାରୀ ଚମ୍ପାବତୀ ସୋରେନ ପ୍ରମୁଖ ଉପସ୍ଥିତ ରହୁ ପ୍ରସିଦ୍ଧ ମେଳା ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି।

## ଗୁଳି ଫୁଟାଇ ୭ ଲକ୍ଷର ଅଳଙ୍କାର ଲୁଟ୍

ରୂପ୍‌ସା(ବାଞ୍ଛାନିଧି ଦେ)/ ବାଲିଆପାଳ (ଅମୂଲ୍ୟ କୁମାର ଦାସ),୭।୪: ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ମଛଦା ଗାଁ ନିକଟରେ ଦୁର୍ବୃତ୍ତମାନେ ଗୁଳି ଫୁଟାଇ ଜଣେ ଗହଣା ଦୋକାନୀଙ୍କଠାରୁ ୭ ଲକ୍ଷ ଟଙ୍କାର ଗହଣା ଲୁଟି ନେଇଛନ୍ତି। ପ୍ରକାଶ ଯେ, ସିଂଲା ଥାନା ଅନ୍ତର୍ଗତ ନାଇକୁଡ଼ି ଗ୍ରାମର କାହ୍ନୁଚରଣ କାମିଲାଙ୍କର ବସ୍ତା ଥାନା ଅନ୍ତର୍ଗତ ପତ୍ରଝଡ଼ା ବଜାରରେ ଏକ ଗହଣା ଦୋକାନ ରହିଛି। ଶନିବାର ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଉଥିଲେ। ବସ୍ତା ପଟୁ ୫ ଜଣ ଦୃର୍ବୃତ୍ତ ୨ ଟି କଳା ପଲସର୍ ବାଇକ୍‌ରେ ପିଛା କରି ଇଡିଦା-ନାଇକୁଡି ରାସ୍ତାର ମଛଦା ନିକଟରେ ତାଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ମାତ୍ର ସେ ନ ଅଟକିବାରୁ ଦୁର୍ବୃତ୍ତମାନେ ତାଙ୍କୁ ପଛରୁ ଦୁଇ ଥର ଗୁଳି ମାଡ଼ କରିଥିଲେ। ମାତ୍ର ଗୁଳି ତାଙ୍କ କାନ୍ଧ ଦେଇ ପାର ହୋଇଯାଇଥିଲା। ଯାହାଦ୍ୱାରା କାହ୍ନୁ ଭୟରେ ତଳେ ଯାଇଥିଲେ। ଏହି ସମୟରେ ଲୁଟେରାମାନେ ତାଙ୍କୁ ଭୁଜାଲି ଓ ବନ୍ଧୁକ ଦେଖାଇ ବାଇକ୍ ଡିକି ଭାଙ୍ଗି ୫ କେଜି ଓଜନର ରୁପା ଅଳଙ୍କାର ସହ ୪୦ରୁ ୫୦ ଗ୍ରାମ ଓଜନର ସୁନା ଅଳଙ୍କାର ଲୁଟି ନେଇ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ କାହ୍ନୁଚରଣ ପୋଲିସକୁ ଖବର ଦେବା ପରେ ସିଂଲା ଓ ବସ୍ତା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ। ଘଟଣାସ୍ଥଳରୁ ପୋଲିସ ଗୋଟିଏ ଖୋକା ଜବତ କରିଛି। ଏନେଇ ବସ୍ତା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

# ମଜଭୁତ ହେଉଛି ବସ୍ତା ବିଜେଡି



ବିଜେଡିର ମିଶ୍ରଣ ପର୍ବ।

## ଅନ୍ୟଦଳର ନେତା ଓ କର୍ମୀ ବିଜେଡିରେ ସାମିଲ

କାଳିପଦା,୭।୪(ରାଜଶ୍ରୀ ପାଣିଗ୍ରାହୀ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବସ୍ତା ନିର୍ବାଚନ ମଣ୍ଡଳୀରେ ଆହୁରି ମଜଭୁତ୍ ହେଉଛି ବିଜୁ ଜନତା ଦଳ। ପ୍ରଥମ କରି ଜଣେ ମହିଳାଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ଏବେ ବସ୍ତା ଓ ବାଲିଆପାଳ ଅଞ୍ଚଳରେ ପ୍ରାର୍ଥିନୀ ସୁବାସିନୀ ଜେନାଙ୍କୁ ନେଇ ଚର୍ଚ୍ଚା। ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଶାସନ, ବିକାଶ ଏବଂ ଅଞ୍ଚଳରେ ସୁବାସିନୀଙ୍କ ଲୋକପ୍ରିୟତା ସାମ୍ନାରେ ଫିକା ପଡ଼ିଲେଣି ନିର୍ବାଚନ ମଣ୍ଡଳୀର ପ୍ରମୁଖ ବିରୋଧୀ ଦଳ। ଯାହାକି ସୁବାସିନୀଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିବା ମିଶ୍ରଣ ପର୍ବରେ ଦେଖିବାକୁ ମିଳିଛି। ଶୁକ୍ରବାର ବାଲିଆପାଳ ବ୍ଲକର ୨୪ନଂ. ଜୋନ୍ ଅନ୍ତର୍ଗତ କଂଗ୍ରେସ ଗଡ କୁହାଯାଉଥିବା ଚଉମୁଖ ପଞ୍ଚାୟତ କଂଗ୍ରେସ ଦଳର ଶତାଧିକ ସଦସ୍ୟାସଦସ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କ ସହ ବୋଲଂ ପଞ୍ଚାୟତର ପୂର୍ବତନ ୱାର୍ଡ ସଦସ୍ୟ କମ୍ପନାଥ ଜେନା, ଜାମକୁଣ୍ଡା ପଞ୍ଚାୟତର ବରିଷ୍ଠ ନେତା ତପନ କୁମାର ବିଶ୍ୱାଳ ଓ ୱାର୍ଡ ସଦସ୍ୟ ରବୀନ୍ଦ୍ର ଦଳେଇ ମଧ୍ୟ ବିଜେଡିରେ ଯୋଗ ଦେଇଛନ୍ତି। ବାଲେଶ୍ୱର ଜିଲାର ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଓ ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥୀନୀ ସୁବାସିନୀ ଜେନା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ବିଧିବଦ୍ଧ ଭାବେ ଦଳକୁ ସ୍ୱାଗତ କରିଥିଲେ। ସମସ୍ତେ ଏକାଠି ହୋଇ ନିଜ ନିଜ ପଞ୍ଚାୟତରେ ଦଳକୁ ଆହୁରି ସଂଗଠିତ କରାଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ସହ, ବିକଶିତ ନବୀନ ଓଡ଼ିଶା ଗଠନ ଦିଗରେ କାମ କରିବା ପାଇଁ ଆହ୍ୱାନ କରିଥିଲେ। ଏହି ମିଶ୍ରଣ ପର୍ବରେ ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ ଓ ବସ୍ତା ବ୍ଲକ ସଭାପତି ଅନୀଲ ମହାନ୍ତିଙ୍କ ସମେତ ବରିଷ୍ଠ ନେତା ଦେବ କୁମାର ଦେ, ସୁବ୍ରତ ପଣ୍ଡା, ସତ୍ୟାନନ୍ଦ ମହାନ୍ତି, ବସନ୍ତ କୁମାର ମହାନ୍ତି, ପ୍ରଦୀପ କର, ଅଞ୍ଜନ ଦଣ୍ଡପାଟ, ମନ୍ମଥ କୁମାର ଗିରି, ଗଣେଶ ଚନ୍ଦ୍ର ଜେନା , ଅଜୟ ସାମଲ, ସିମନ୍ ଦାସ ମହାପାତ୍ର, ଧର୍ମପଦ ଗିରି, କାର୍ତ୍ତିକ ମଲ୍ଲିକ, ଯୋଗେନ୍ଦ୍ର ମହାପାତ୍ର, ତପନ ରାଉତ, କମଳ ଲୋଚନ ମଲ୍ଲିକ, ସପନ କୁମାର ଦାସ, ସନ୍ତୋଷ କୁମାର ଗିରି, ସଂଗ୍ରାମ ପରିଡ଼ା, ଗୀତାଞ୍ଜଳି ପାତ୍ର, ରଞ୍ଜନ ପାତ୍ର, ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଓ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚରୁଖିରେ ମା’ ମାନସାଙ୍କ ପୂଜା

ବାଲିଆପାଳ,୭।୪(ଗୋପାଳ ଚନ୍ଦ୍ର ସାହୁ)- ବାଲେଶର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଞ୍ଚାୟତର ପଞ୍ଚରୁଖି ଗ୍ରାମରେ ମା’ ମନସାଙ୍କ ପୂଜା ଶନିବାରଠାରୁ ଆରମ୍ଭ ହୋଇଛି। ମା’ ମାନସା ଗ୍ରାମର ପ୍ରତ୍ୟକ୍ଷ ଦେବୀ ଭାବେ ପୂଜା ପାଇ ଆସୁଥିବା କମିଟିର ସଦସ୍ୟ ସୁଶାନ୍ତ ଖଣ୍ଡା କହିଛନ୍ତି। ମା’ଙ୍କ ପୂଜା ରାତି ସାରା ହେଉଥିବା ବେଳେ ମନସାମଙ୍ଗଳ ଗୀତିନାଟ୍ୟ ମଧ୍ୟ ପରିବେଷଣ କରାଯାଇଥିଲା। ଏହି ଗୀତିନାଟ୍ୟ ମାଧ୍ୟମରେ ମା’ ଗୁଣଗାନ କରାଯାଇଥିଲା। କୀର୍ତ୍ତନ ମାହାନା, ଧନଞ୍ଜୟ ବାରିକ, ନାରାୟଣ ଗଙ୍ଗାଇ, ସୁଶାନ୍ତ ଖଣ୍ଡା, ଶ୍ରୀକାନ୍ତ ମାହାନା, ବାବୁ ସାହୁଙ୍କ ସହିତ ଅନ୍ୟ ସଦସ୍ୟ ମାନେ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ପଞ୍ଚରୁଖୀ ଗ୍ରାମ ସହିତ ଆଖ ପାଖ ଗ୍ରାମର ଯୁବକ ଓ ଗ୍ରାମବାସୀମାନେ ଏହି ପୂଜାରେ ସାମିଲ ହୋଇଥିଲେ।

## ଚୋରି ବାଇକ୍ ଉଦ୍ଧାର

ସୋର,୭।୪(ଜନ୍ମେଜୟ ମିଶ୍ର): ସୋର ପୌରପାଳିକା ଅନ୍ତର୍ଗତ ଷ୍ଟେଶନଛକ ନିକଟରୁ ଏକ ବାଇକ୍ ଚୋରି ଘଟଣାରେ ପୋଲିସ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିବା ସହିତ ଚୋରି ବାଇକ୍ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ହେଲେ ମାଣତ୍ରୀ ପଞ୍ଚାୟତ ନୂଆପୁର ଗ୍ରାମର ଅନିଲ କୁମାର ବାରିକ। ଗତ ଶୁକ୍ରବାର ଷ୍ଟେଶନଛକ ନିକଟରେ ଥିବା ସୁଶାନ୍ତ ପୃଷ୍ଟି ତାଙ୍କ ଲୁଗାଦୋକାନ ଆଗରେ ନିଜର ବାଇକ୍ ରଖିଥିଲେ। ପରେ ତାଙ୍କର ବାଇକ୍‌ଟି ଦୋକାନ ଆଗରୁ କେହି ଚୋରି କରି ନେଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ସୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶନିବାର ସନ୍ଧ୍ୟାରେ ଜଣେ ଯୁବକ ବାଇକ୍‌ଟିକୁ ବଡ଼ଖୁରୀ ଛକକୁ ବିକ୍ରି କରିବାକୁ ଆଣିଥିଲେ। ବାଇକ୍‌କୁ ଦେଖି ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ସୁଶାନ୍ତଙ୍କ ନିକଟକୁ ଖବର ଦେଇଥିଲେ। ସୁଶାନ୍ତ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌ଟିକୁ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ।

## ଘର ଉପରେ ବଜ୍ରପାତ

ଜଳେଶ୍ୱର,୭।୪(ରବିନାରାୟଣ ପାତ୍ର)

ଜଳେଶ୍ୱର ଥାନା ଅନ୍ତର୍ଗତ ଚାଳନ୍ତି ଗାଁର ଉମାକାନ୍ତ ଗିରି ଓ ନିଶିକାନ୍ତ ଗିରିଙ୍କ ଆଜ୍‌ବେଷ୍ଟସ ଘର ଉପରେ ସୋମବାର ସକାଳେ ବଜ୍ରପାତ ହୋଇଥିଲା। ଫଳରେ ଘରେ ଥିବା ବିଦ୍ୟୁତ୍ ସରଞ୍ଜାମ ନଷ୍ଟ ହେବା ସହ ୨ ପରିବାରର ୬ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ୨ ଜଣଙ୍କ କାନକୁ ଶୁଭୁ ନ ଥିବାରୁ ଚିକିତ୍ସା ପାଇଁ ଜଳେଶ୍ୱର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

# ଜଗନ୍ନାଥଙ୍କ ଆଶିଷ ଭିକ୍ଷା କଲେ ସନ୍ତୋଷ

ନୀଳଗିରି,୭।୪(ପ୍ରଶାନ୍ତ କୁମାର ବିଶ୍ୱାଳ)

ନୀଳଗିରି ରାଜନୀତି ଦିନକୁ ଦିନ ରୋଚକ ମୋଡ଼ ନେଉଛି। ବିଧାୟକ ସୁକାନ୍ତ ନାୟକ ଭାଜପା ଛାଡ଼ି ବିଜେଡିରେ ମିଶିବା ପରେ ଦୀର୍ଘ ୫ବର୍ଷ ଧରି ସଙ୍ଗଠନ ଚଳାଇ ଆସିଥିବା ସନ୍ତୋଷ ଖଟୁଆଙ୍କ କର୍ମୀଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖାଦେଇଛି। ସନ୍ତୋଷଙ୍କୁ ବିଜେଡି ଟିକେଟ ମିଳି ନ ପାରେ ବୋଲି ଆଲୋଚନା ଜୋର ଧରିଛି। ଏହି କ୍ରମରେ ରବିବାର ସନ୍ଧ୍ୟାରେ ସମର୍ଥକଙ୍କ ସହ ସନ୍ତୋଷ ଦୁର୍ଗାମଣ୍ଡପ ଛକଠାରୁ ଏକ ପଦଯାତ୍ରାରେ ବାହାରି ନୀଳଗିରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଜଗନ୍ନାଥଙ୍କ ଆଶୀର୍ବାଦ ନେବା ସହ ଦୀପ ଜାଳିଥିବା ଦେଖିବାକୁ ମିଳିଥିଲା। ସୁକାନ୍ତଙ୍କ ବିରୋଧରେ ଏହା ଶକ୍ତି ପ୍ରଦର୍ଶନ କି ବୋଲି ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଏହା ଶକ୍ତି ପ୍ରଦର୍ଶନ ନୁହେଁ ବରଂ ଜଗନ୍ନାଥଙ୍କ ନିକଟରେ ଶକ୍ତି ଆରୋହଣ ବୋଲି କହିଥିଲେ। କର୍ମକର୍ତ୍ତାଙ୍କ ଆଗ୍ରହକୁ ସମ୍ମାନ ଜଣାଇ ଏଭଳି ପଦଯାତ୍ରା ଏବଂ ଦୀପଦାନ କରାଯାଇଥିବା ସୂଚନା ଦେଇଛନ୍ତି ସନ୍ତୋଷ। ତେବେ ଟିକେଟରୁ ବଞ୍ଚିତ ହେବା ମନେକରି ସନ୍ତୋଷ ମହାପ୍ରଭୁଙ୍କ ଶରଣ ପଶିଥିବା ନୀଳଗିରିବାସୀ ଆଲୋଚନା କରୁଛନ୍ତି।

## ଓଡ଼ିଆ ଭାଷା, ସାହିତ୍ୟ ହିଁ ଓଡ଼ିଶାର ପ୍ରାଣ

ରୂପ୍‌ସା, ୭।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ କସିପଦା ପଞ୍ଚାୟତ ହାଇସ୍କୁଲ ପରିସରରେ ଓଡ଼ିଶା ସ୍ୱାଭିମାନ ପରିଷଦ ଏବଂ ଓଡ଼ିଶା ରକ୍ତଦାତା ସଂଘର ମିଳିତ ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଓଡ଼ିଆ ଭାଷା, ସାହିତ୍ୟ ହିଁ ଓଡ଼ିଶାର ପ୍ରାଣ ଶୀର୍ଷକ ଆଲୋଚନାଚକ୍ରରେ ପୂର୍ବତନ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଗୋପାଳପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରା, ମୁଖ୍ୟବକ୍ତା ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ପୂର୍ବତନ ସେନା ଅଧିକାରୀ ଭିକାରୀ ଚରଣ ମିସ୍ତ୍ରୀ, ଶିକ୍ଷକ ପ୍ରଭାତ କୁମାର ଆଚାର୍ଯ୍ୟ, ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ବେହେରା ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ସମଗ୍ର ଓଡ଼ିଶାବାସୀଙ୍କ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା, ସମୟର ଚକ୍ର ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନା, ପ୍ରଫୁଲ୍ଲ କୁମାର ଜେନା, ଅଶୋକ ମଡୁଆଳ, ମନ୍ମଥ କୁମାର ଦଳେଇ, ରବୀନ୍ଦ୍ର କୁମାର ବେହେରା ଓ ଚନ୍ଦନ କୁମାର ବେହେରା ପ୍ରମୁଖ ଉତ୍କଳ ଦିବସ ସମ୍ପର୍କିତ କବିତା ପାଠ କରିଥିଲେ। ବିନୟ କୁମାର ବେହେରା ଓ ଶିକ୍ଷକ ଚନ୍ଦନ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୈବିକ କୃଷିର ମନ୍ତ୍ର ଦେଉଛନ୍ତି ରମେଶ

## ପ୍ରେରଣା ଦେଇଥିଲା ଷଷ୍ଠ ଶ୍ରେଣୀର କୃଷି ବିଜ୍ଞାନ ପାଠ

ସିମୁଳିଆ,୭।୪(ସନ୍ତୋଷ ନାୟକ)

କେବଳ ଓଡ଼ିଶା ନୁହେଁ ପଡ଼ୋଶୀ ପଶ୍ଚିମବଙ୍ଗ, ଆସାମ, ଝାଡ଼ଖଣ୍ଡ ଆଦି ବିଭିନ୍ନ ରାଜ୍ୟର ଚାଷୀମାନଙ୍କୁ ଜୈବିକ କୃଷିର ମନ୍ତ୍ର ଦେଉଛନ୍ତି ୬୭ବର୍ଷୀୟ ରମେଶ ଚନ୍ଦ୍ର ସିଂହ। ତାଙ୍କ ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ଅଧୀନ ହାଟମଇତାପୁର ଅଞ୍ଚଳରେ। ନିଜର ମାତ୍ର ଦେଢ଼ ଏକର ଜମିରେ ସେ ଜୈବିକ ଖତ ସାର ପ୍ରୟୋଗ କରି ବିଭିନ୍ନ କିସମର ଧାନ ଓ ପରିବା ଉତ୍ପାଦନ କରି ସର୍ବଦା ଚର୍ଚ୍ଚାରେ ରହିଛନ୍ତି। ଓଡ଼ିଶାର ବିଭିନ୍ନ ଜିଲାରୁ ଧାନ ବିହନ ସଂଗ୍ରହ କରି ସେ ଚାଷ କରନ୍ତି। କୌଣସି ସରକାରୀ ପଦ ପଦବୀରେ ନ ଥାଇ ଗତ ୨୦୧୩-୧୫ ପର୍ଯ୍ୟନ୍ତ ସରକାରଙ୍କ ନାବାର୍ଡ ପାଇଲଟ ପ୍ରୋଜେକ୍ଟରେ ସେ କୃଷି ବିଶେଷଜ୍ଞ ରୂପେ ଯୋଗ ଦେଇଥିଲେ। ବାଲେଶ୍ୱର ଜିଲାର ସୋର, ସିମୁଳିଆ, ବାଲିଆପାଳ, ରେମୁଣା ବ୍ଲକରେ କୃଷି ପରାମର୍ଶଦାତା ରୂପେ କାର୍ଯ୍ୟ କରି ଜୈବିକ କୃଷିର ପ୍ରଚାର ପ୍ରସାର ଉପରେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଏହି ଜୈବିକ କୃଷିର ପ୍ରସାର ପାଇଁ ବେଙ୍ଗାଲୁରରେ



ଥିବା କର୍ଣ୍ଣାଟକ ଆଗ୍ରୋକେମିକାଲ୍ସ ନାମକ ମଲ୍ଟିପ୍ଲେକ୍ସ କମ୍ପାନୀ ତାଙ୍କୁ ଡେଭଲମେଣ୍ଟ ଅଫିସର ରୂପେ ନିଯୁକ୍ତି ଦେଇଛି । ସେ ଏହି କମ୍ପାନୀ ପକ୍ଷରୁ ବିଭିନ୍ନ ରାଜ୍ୟ ବୁଲି ଚାଷୀମାନଙ୍କୁ ପରାମର୍ଶ ଦେଉଛନ୍ତି ।

ଜୈବିକ କୃଷି ସମ୍ପର୍କରେ ରମେଶ ଚନ୍ଦ୍ର କହନ୍ତି, ନିଜ ବାପା ସ୍ୱର୍ଗତଃ ବୈଦ୍ୟନାଥଙ୍କଠାରୁ ସେ କୃଷି ସମ୍ପର୍କରେ ଜ୍ଞାନ ପାଇଥିଲେ । ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ କୃଷି ବିଜ୍ଞାନ ପାଠରେ ଜୈବିକ ସାର, ରସାୟନିକ ସାର ଓ ଅଣୁସାର ପାଠ ତାଙ୍କୁ ପ୍ରଭାବିତ କରିଥିଲା । ଗ୍ରାଜୁଏଶନ ପାସ୍ ପରେ କୃଷିକୁ ଆପଣାଇବା ସହିତ ନିଜର ଅଭିଜ୍ଞତା ସେ ବାଣ୍ଟି ଚାଲିଛନ୍ତି। ନିଜ ଅଭିଜ୍ଞତା ସମ୍ପର୍କରେ ସେ କହନ୍ତି ଚେର ଓ ପତ୍ର ଗଛର ମୁଖ୍ୟ ଉପାଦାନ। ମାଟିର ସ୍ୱାସ୍ଥ୍ୟ ଉପରେ କୃଷି ନିର୍ଭର କରେ । ଜଣେ ପ୍ରକୃତ ଚାଷୀ ଗଛକୁ ଚାହିଁଲେ ଗଛର ଆବଶ୍ୟକତା ବୁଝିପାରିବ । ନିରୋଗ ରହିବା ପାଇଁ ଜୈବିକ କୃଷି ସମ୍ପର୍କରେ ଛାତ୍ର ଜୀବନରୁ ସମସ୍ତଙ୍କୁ ଶିକ୍ଷା ଦିଆଯିବା ଆବଶ୍ୟକ ବୋଲି ସେ କହନ୍ତି । କୃଷି କ୍ଷେତ୍ରରେ ମାତ୍ରାଧିକ ରାସାୟନିକ ସାର ଔଷଧର ପ୍ରୟୋଗ ଯୋଗୁ ମାଟିରେ ଅମ୍ଳ ସୃଷ୍ଟି ହୋଇ ଗୁଣବତ୍ତା ନଷ୍ଟ ହୋଇଯାଇଛି । ବିଭିନ୍ନ ଅଣୁ ତତ୍ତ୍ୱର ଅଭାବ ଫଳରେ ମାଟି ନରମ ପରିବର୍ତ୍ତେ ପଥୁରିଆ ହୋଇଯିବା ଯୋଗୁ ଅଧିକାଂଶ ଜମିରେ ଫସଲ ଆଉ ଆଗ ପରି ହେଉନାହିଁ। ଜୈବିକ କୃଷିକୁ ଚାଷୀ ପୂର୍ଣ୍ଣମାତ୍ରାରେ ନ ଆପଣାଇଲେ ସମାଜରେ ଖାଦ୍ୟ ସଂକଟ ସହିତ କ୍ୟାନସର ପରି ବିଭିନ୍ନ ଅସାଧ ରୋଗ ବ୍ୟାପିବ ବୋଲି କହନ୍ତି ରମେଶ ଚନ୍ଦ୍ର।

# ନିଲାମ ଅବଧି ପରେ ବି ଚୋରାରେ ଚାଲିଛି ଖଣି

## ଚୁପ୍ ହୋଇ ବସିଛନ୍ତି ଖଣି ଅଧିକାରୀ

ଖଇରା,୭।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରିଶୁଆ ପାହାଡ଼ରେ ଖଣି ବ୍ୟବହାରର ଅବଧି ମାର୍ଚ୍ଚ ୩୧ତାରିଖରୁ ଶେଷ ହେଲାଣି । ତେବେ ଜିଲା ଖଣି ବିଭାଗର ଅଙ୍କୁଶ ନ ଥିବା କାରଣରୁ ଏବେ ୬୦ରୁ ଅଧିକ ଖଣି ଚୋରାରେ ଚାଲିଛି। ପ୍ରଥମେ କ୍ରସର ମାଲିକମାନଙ୍କ ଜରିଆରେ କୌଶଳପୂର୍ଣ୍ଣ ଭାବେ ପଥର ଖଣ୍ଡକୁ କ୍ରସରକୁ ଟ୍ରିପ୍ ଟ୍ରିପ୍ ସଂଖ୍ୟାରେ ଆଣି ମହଜୁଦ କରି ରଖିବା ପରେ ଚିପ୍ସକୁ ବାହାରକୁ ଚାଲାଣ କରାଯାଉଛି। ଅଧିକାରୀମାନେ ଏହାକୁ ୩୧ତାରିଖ ପୂର୍ବର ପୁରୁଣା ଗଚ୍ଛିତ ଚିପ୍ସ ଆଖ୍ୟାଦେଇ ଖଣି ବ୍ୟବସାୟୀଙ୍କୁ ଲୁଟ ପାଇଁ ପୂର୍ଣ୍ଣ ସହଯୋଗ କରୁଥିବା ଅଭିଯୋଗ ହୋଇଛି। ସେପଟେ ପ୍ରବଳ ଗରମରେ ଅତ୍ୟଧିକ ଭାରୀଯାନ ଚଳାଚଳ ସାଧାରଣ ଲୋକଙ୍କୁ ଅତିଷ୍ଠ କରୁଛି। ନିଲାମ ନେଇଥିବା ଖଣିଗୁଡ଼ିକର ଅବଧି ମାର୍ଚ୍ଚ ୩୧ତାରିଖରେ ଶେଷ ହୋଇ ଯାଇଛି । ପୁନଃ ନବୀକରଣ



ଜେସିବି ଦ୍ୱାରା ପଥର ଉତ୍ତୋଳନ କରାଯାଉଛି ।

ପର୍ଯ୍ୟନ୍ତ ସମସ୍ତ ଖଣି ବନ୍ଦ ରହିବା କଥା ଏବଂ ଚୋରିକୁ ଅଟକାଇବା ପାଇଁ ଖଣି ଓ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ଭାବେ ନଜରରେ ରଖିବା କଥା। ହେଲେ ଉପରୋକ୍ତ ୨ବିଭାଗ ଏବେ ସ୍ଥାଣୁ ପାଲଟିବା ଖଣି ଚୋରିକୁ ଅଧିକ ପ୍ରୋତ୍ସାହନ ଦେଉଛି। ୨୦୨୩ ରେ ଉକ୍ତ ପାହାଡ଼ର ୧୫ଟି ଖଣି ଚଲାଇବା ପାଇଁ ଲିଜ୍ ପ୍ରଦାନ କରାଯାଇଥିଲା। ହେଲେ ଏହି ୧୫ଟି ଖଣି ନୀତିନିୟମରେ ଚାଲୁଥିବା ବେଳେ ଏହାକୁ ଢାଲ କରି ୬୦ରୁ ଊର୍ଦ୍ଧ୍ୱ ଖଣି ଚୋରାରେ ୬ ମାସ ଧରି ଚାଲିଥିଲେ ହେଁ ଖଣି ବିଭାଗ କାଁଭାଁ ଚଢ଼ାଉ କରି ଛାଡିଦେଇଥିଲେ। ଏବେ ମାର୍ଚ୍ଚରୁ ନିଲାମ ଅବଧି ଶେଷ ହୋଇଥିଲେ ହେଁ ପୂର୍ବଭଳି ଖଣିକୁ ଶହଶହ ସଂଖ୍ୟାର ଗାଡ଼ି ଯାତାୟାତ କରୁଛନ୍ତି। ଯେଉଁଥିପାଇଁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ଗୁଆପାଳ, ବଗେଇପୁର, କଦଳିଗଡିଆ, ଗାଭର ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଏତିକି ନୁହେଁ ସ୍କୁଲ ଓ କଲେଜ ପିଲାମାନେ ଉକ୍ତ ରାସ୍ତା ଦେଇ ଭୟାତୁର ଅବସ୍ଥାରେ ଯିବାଆସିବା କରୁଛନ୍ତି । ନିୟମ ଉଲ୍ଲଙ୍ଘନ କରୁଥିବା କ୍ରସରଗୁଡ଼ିକର ଷ୍ଟକ ଯାଞ୍ଚ କରାଯିବା ସହ ନବୀକରଣ ଗାଇଡ୍‌ଲାଇନକୁ କଡ଼ାକଡ଼ି କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଅତିରିକ୍ତ ଖଣି ନିର୍ଦ୍ଦେଶକ ସନ୍ତୋଷ ଦଳେଇଙ୍କୁ ପଚାରିବାରୁ ବେଆଇନ ପଥରଗାଡ଼ି ଅଟକାଇ ଖବର ଦେଲେ ସେ ଆସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। କାରଣ ବହୁ ସମୟରେ ସେ ଖଣିରେ ଚଢ଼ାଉ ପାଇଁ ପହଞ୍ଚିବା ପୂର୍ବରୁ ଖଣି ଚୋରମାନେ ଖସି ପଳାଇଯିବାକୁ ସମର୍ଥ ହେଉଥିବା କହିଛନ୍ତି।

## ସଂକ୍ଷେପରେ

### ଝାଡ଼େଶ୍ୱର ପୀଠରେ ଜମୁଛି ବାରୁଣୀ ମେଳା



ରାମଚନ୍ଦ୍ରପୁର,୭।୪(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ଝାଡ଼େଶ୍ୱର ପୀଠରେ ପ୍ରସିଦ୍ଧ ବାରୁଣୀମେଳା ଶନିବାରଠାରୁ ଆରମ୍ଭ ହୋଇଛି। ବୈତରଣୀ ନଦୀରେ ଶ୍ରଦ୍ଧାଳୁମାନେ ବୁଡ଼ ପକେଇବା ସହିତ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରିଛନ୍ତି। ପରେ ଝାଡ଼େଶ୍ୱର ମହାଦେବଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ମେଳା ଅନୁଷ୍ଠିତ ହେଉଥିବା ବେଳେ ରବିବାର ୨ ଦିନରେ ମେଳା ଜମୁଛି। ମେଳାରେ ଦୁଇଶହରୁ ଅଧିକ ଦୋକାନ ପଡିଛି। ଢେଙ୍କାନାଳ, ଅନୁଗୁଳ ମୟୂରଭଞ୍ଜ, ଯାଜପୁର, କୁଆଖିଆ, ଜାରକା, ଭଦ୍ରକ, କଟକ ଓ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀଙ୍କ ସମାଗମ ହୋଇଛି। ଛୁଟିଦିନ ହୋଇଥିବାରୁ ଅନେକ ଶହ ଭକ୍ତଙ୍କ ସମାଗମ ହୋଇଥିଲା। ଲୋକଙ୍କ ମନୋରଞ୍ଜନ ପାଇଁ ଦୋଳି, ମିନାବଜାର ସାଙ୍ଗକୁ ଖାଦ୍ୟବଜାର ଖୋଲିଛି। ଦିନରେ ଖରା ହେଉଥିବାରୁ ସନ୍ଧ୍ୟାରେ ମେଳାରେ ଜନ ସମାଗମ ଅଧିକ ରହୁଛି। ଘସିପୁରା ଥାନା ଅଧିକାରୀ ସୁନୀଲ କୁମାର କରଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। କୋଠ ତହସିଲଦାର ସୁଶାନ୍ତ ସାମଲ, ଆରଆଇ ମନୋଜ ସାହୁ ମେଳା କମିଟିର ସଦସ୍ୟ ଅଜୟ ସାହୁ, ରଘୁନାଥ ସାହୁ, ଦୀପକ ସାହୁ, ଚିନ୍ତାମଣି ସାହୁ, ଅକ୍ଷୟ ସାହୁ, ପ୍ରଶାନ୍ତ ସାହୁ, ଚକ୍ରଧର ସାହୁ, ପ୍ରମୁଖ ପରିଚାଳନା କରିଥିବା ବେଳେ ମେଳା ୭ ଦିନ ଧରି ଚାଲିବ ବୋଲି ଆୟୋଜକମାନେ କହିଛନ୍ତି।

### ବିଶ୍ୱଶାନ୍ତି ଗୀତା ମହାଯଜ୍ଞ, ରାମଚରିତ ପାଠ

ହାଟଡ଼ିହୀ,(ଶୁଭକାନ୍ତ ନାୟକ)/ସୋସୋ(ସତ୍ୟବ୍ରତ ଜେନା)୭।୪: କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଡ଼ିଆରୀପଲ୍ଲୀ ଗ୍ରାମ ଦେବତୀଙ୍କ ପୀଠରେ ଶୁକ୍ରବାରରୁ ତିନିଦିନ ଧରି ବିଶ୍ୱଶାନ୍ତି ଗୀତା ମହାଯଜ୍ଞ, ରାମଚରିତ ପାଠ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ପୋଖରୀରୁ କଳସ ବୁଡ଼ାଯାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। କର୍ତ୍ତାଭାବେ ରାଜେନ୍ଦ୍ର ପାତ୍ର ଏବଂ ନିରୁପମା ପାତ୍ର ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଦେବେନ୍ଦ୍ର ତ୍ରିପାଠୀ, ମନୋଜ ମିଶ୍ର, ଦୀପକ ମିଶ୍ର, ସୁରଜ ପଣ୍ଡା, ଜଗନ୍ନାଥ ତ୍ରିପାଠୀ, ବିପିନ ବିହାରୀ ତ୍ରିପାଠୀ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ପ୍ରଶାନ୍ତ ସାହୁ, ଚର୍ତୁଭୁଜ ରାଉତ, ମନୋରଞ୍ଜନ ପାତ୍ର, ଜ୍ଞାନ ରଞ୍ଜନ ପାତ୍ର, ମହେଶ୍ୱର ପାତ୍ର, ନରହରି ସାହୁ, ବିଜୟ ପାତ୍ର ଏବଂ ସେମାନଙ୍କ ଧର୍ମ ପତ୍ନୀ ପ୍ରମୁଖ କଳସ ବୁଡ଼ାଇଥିଲେ। ସୁରେନ୍ଦ୍ର ରାଉତ, ଗୋପାଳ କୃଷ୍ଣ ରାଉତ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଜଗବନ୍ଧୁ ରାଉତ, ରାଜେନ୍ଦ୍ର ରାଉତ, ଦିଲୁ ରାଉତ, ପ୍ରହଲ୍ଲାଦ ରାଉତ, ଅଖିଳ ମଲ୍ଲିକ, ବାବାଜୀ ସାହୁ, ଶାନ୍ତନୁ ଜେନା, କାହ୍ନା ନାୟକ, ଘନଶ୍ୟାମ ଧଳ ପ୍ରମୁଖ ସହଯୋଗ କରିଥିଲେ।

# ଖେଳପଡ଼ିଆ ପାଲଟିଛି ପାଣିପାଇପ୍ ଷ୍ଟକ୍‌ୟାର୍ଡ

**ଧରଣୀଧର ବିଶ୍ୱବିଦ୍ୟାଳୟ**

**ବାରମ୍ବାର ଅଭିଯୋଗ ପରେ ବି ହଟୁନି**

କେନ୍ଦୁଝର,୭।୪(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ ଦୀର୍ଘଦିନ ଧରି ପାଣି ପାଇପ୍ ଷ୍ଟକୟାର୍ଡ ପାଲଟିଛି। ଏପରିକି କଡ଼ା ସୁରକ୍ଷା ମଧ୍ୟରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ସମୟରେ ବି ପାଇପ ଉଠି ନ ଥିଲା। ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ବାରମ୍ବାର ଚିଠି ଲେଖି ପ୍ରଶାସନକୁ ଅନୁରୋଧ କରିଥିଲେ ବି କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ବୁଦ୍ଧିଜୀବୀ, ଅଭିଭାବକ ମହଲରେ କ୍ଷୋଭ ପ୍ରକାଶ ପାଇଛି।

ଜିଲାର ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ଧରଣୀଧର ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟ ପରିଗଣିତ ହୋଇଥାଏ। ବିଶ୍ୱ ବିଦ୍ୟାଳୟ ପରିସରରେ ଅନେକ ଛାତ୍ରାବାସ, ଛାତ୍ରୀ ନିବାସ ସହିତ ଏସ୍‌ଟି, ଏସ୍‌ସି ବିଭାଗର ଅନ୍ୱେଶା ହଷ୍ଟେଲ ରହିଛି। ପିଲାଙ୍କ ଖେଳକୁଦ ପାଇଁ ବିଶ୍ୱବିଦ୍ୟାଳୟର ନର୍ଥ କ୍ୟାମ୍ପସରେ ଥିବା ଗୋପବନ୍ଧୁ ଛାତ୍ରାବାସ ସମ୍ମୁଖରେ ଏକ ଖେଳପଡ଼ିଆ ରହିଛି।



ମାତ୍ର କେନ୍ଦୁଝର ସହରପଟୁ ପ୍ରବେଶ ପଥର ବାମପଟେ ଥିବା ପଡ଼ିଆରେ ସହରକୁ ଜଳଯୋଗାଣ ପାଇଁ ବ୍ୟବହୃତ ପାଇପ ୪ ବର୍ଷରୁ ଊର୍ଦ୍ଧ୍ୱ ଦିନ ହେଲା ଗଦା କରି ରଖାଯାଇଛି। ସୁରକ୍ଷା ନିମେନ୍ତ କ୍ୟାମ୍ପ କରାଯାଇ ଗାଡ଼ି ସହିତ ଲୋକମାନେ ରହୁଛନ୍ତି। ପାଇପ ନେବା ଆଣିବାରେ ବଡ଼ ଗାଡ଼ି ଯାତାୟାତ କରୁଥିବାରୁ ପଡ଼ିଆରେ ଖାଲ ସୃଷ୍ଟି ହୋଇ ଅସୁରକ୍ଷିତ ହୋଇପଡ଼ିଛି। ପାଇପ ଗଚ୍ଛିତ ଯୋଗୁ ପରିସରର ସୌନ୍ଦର୍ଯ୍ୟହାନୀ ଘଟିବା ସହିତ ବିପଦପୂର୍ଣ୍ଣ ପରିବେଶ ସୃଷ୍ଟି କରିଛି। ପାଖରେ ଅନ୍ୱେଶା ହଷ୍ଟେଲ, ବାଳିକା ହଷ୍ଟେଲ, ବାଳକ ହଷ୍ଟେଲ ରହିଛି। ଏଠାରେ ଲୋକେ କ୍ୟାମ୍ପ କରି ରହୁଥିବାରୁ ଯଦି କିଛି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ହେଉଛି। ବିଶ୍ୱ ବିଦ୍ୟାଳୟ ହେବା ପୂର୍ବରୁ କଲେଜ ଅଧ୍ୟକ୍ଷ ପାଇପ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଚିଠି (ନଂ. ୧୩୫୦,୧୮/୬/୨୦୨୨) ଲେଖିଥିଲେ ମଧ୍ୟ କିଛି ଫଳ ମିଳିଲା ନାହିଁ। ଦୀର୍ଘ ବର୍ଷ ଧରି ଶିକ୍ଷାନୁଷ୍ଠାନ ପରିସରରେ ଏଭଳି ଷ୍ଟକୟାର୍ଡ ହେବାକୁ ନେଇ ଅବିଭାବକ, ପୁରାତନ ଛାତ୍ରୀଛାତ୍ର ଏବଂ ଛାତ୍ରୀଛାତ୍ରମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଶ୍ୱ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧା ଦାସ କହିଛନ୍ତି, ସହରାଞ୍ଚଳ ଜଳ ଯୋଗାଣ ବିଭାଗକୁ ବାରମ୍ବାର ଜଣାଇଲେ ମଧ୍ୟ ସେମାନେ ଶୁଣୁନାହାନ୍ତି। ସହରାଞ୍ଚଳ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ନାରଦ ରଥ କହିଛନ୍ତି, କାନ୍‌ଝରୀ ଡ୍ୟାମରୁ ସହରକୁ ଆଉ ଗୋଟିଏ ଜଳ ଯୋଗାଣ ପାଇଁ ପାଇପ ବିଛା ହେବାର ଅଛି। ତାହା ହୋଇଗଲେ ପାଇପ ସବୁ ଉଠିଯିବ।

# ବୟସ ଅଧିକ ଯୋଗୁ ମୃତ୍ୟୁ: ଡିଏଫ୍‌ଓ

- ହାତୀର ଗଳିତ ମୃତଦେହ ଜବତ ଘଟଣା
- ଡିଏନ୍‌ଏ ଯାଞ୍ଚ କରିବାକୁ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ଦାବି

କେନ୍ଦୁଝର,୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାଲିବନ୍ଧ ସେକ୍ସନ ଚମକପୁର ସଂରକ୍ଷିତ ଜଙ୍ଗଲରେ ମିଳିଥିବା ଗଳିତ ହାତୀ ମୃତଦେହକୁ ନେଇ ବିବାଦ ଦେଖାଦେଇଛି। ରବିବାର କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ.ଡି ହ୍ୱାଟ୍ସ ଆପ ମିଡିଆ ଗ୍ରୁପରେ ମୃତଦେହ ବୟସ୍କ ମାଈ ହାତୀର, ସେ ଗୋଠରେ ରହୁଥିଲା। ଅଧିକ ବୟସ କାରଣରୁ ସ୍ୱାଭାବିକ ମୃତ୍ୟୁ ବରଣ ହୋଇଛି। ଦାନ୍ତ ଜବତ କରାଯାଇ ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି। ମାତ୍ର ଦୀର୍ଘ ପ୍ରାୟ ଏକ ମାସ ହେଲା ହାତୀଟିର ମୃତ୍ୟୁ ହୋଇଥିଲେ ହେଁ ବନ ବିଭାଗ ବିଳମ୍ବରେ ଜାଣିବାକୁ ପାଇଥିଲା। ହାତୀର ହାଡ, କଙ୍କାଳ ସହିତ ଚମଡ଼ା, ଦାନ୍ତକୁ ଜବତ କରିଛି। ଫଳରେ ମୃତ୍ୟୁର କାରଣ ଓ ବୟସକୁ ନେଇ ଏବେ ଦ୍ୱନ୍ଦ୍ୱ ଉପୁଜିଛି। ଘଟଣା ସ୍ଥଳକୁ ଜଏଣ୍ଟ ଟାସ୍କ ଫୋର୍ସ ଯାଇ ଅନୁଧ୍ୟାନ କରିଛନ୍ତି। ଅଦ୍ୟାବଧି ଘଟଣାରେ ବନ ବିଭାଗ କାହାରିକୁ ଦୋଷାରୋପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି। ଶନିବାର ହାତୀ ଦାନ୍ତ ମିଳି ନ ଥିବା ବେଳେ ରବିବାର ଦାନ୍ତ ମିଳିବା ଏବଂ ହାତୀଟି ମାଈ ବୋଲି ଦର୍ଶାଯାଉଥିବାରୁ ଘଟଣାକୁ ଭିନ୍ନ ମୋଡ ଦେବାକୁ ଉଦ୍ୟମ କରାଯାଉଛି ବୋଲି ମତପ୍ରକାଶ ପାଉଛି। ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ହାତୀର କଙ୍କାଳ ଓ ମୁହଁର ଗହ୍ୱରକୁ ଦେଖିଲେ ଏହା ଦନ୍ତା ହାତୀର ମୃତଦେହ ବୋଲି ଅନୁମାନ ହେଉଛି। କଙ୍କାଳ ଓ ମିଳିଥିବା ଦାନ୍ତର ଡିଏନଏ ଟେଷ୍ଟ କରାଗଲେ ପ୍ରକୃତ ସତ୍ୟ ଜଣାପଡ଼ିବ। ଅନ୍ୟପକ୍ଷେ ନିୟମିତ ହାତୀର ଗତିବିଧି ଟ୍ରାକିଂ କରାଯାଇ ରିପୋର୍ଟ ପ୍ରଦାନ କରାଯାଉଥିଲେ ହେଁ କିପରି ଏକ ମାସ ହେବ ହାତୀ ନିଖୋଜ ଏବଂ ମାଈ କି ଅଣ୍ଡିରା ହାତୀ ବନ ବିଭାଗ ଜାଣି ପାରିଲା ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ମାସକର ରିପୋର୍ଟ ଯାଞ୍ଚ ହେଲେ ସବୁ ଜଣାପଡ଼ିବ ବୋଲି ମତପ୍ରକାଶ ପାଇଛି।

# ଭାଙ୍ଗିଲା ଘର, ଉପୁଡ଼ିଲା ଗଛ

**ଘଡ଼ଘଡ଼ି ସହ କୁଆପଥର ବର୍ଷା**



ଉପୁଡ଼ି ପଡ଼ିଥିବା ଗଛ।



କୁଆପଥର।

ପାଟଣା,୭।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ କାଳ ବୈଶାଖୀ ପ୍ରଭାବରେ ରବିବାର ଘଡ଼ଘଡ଼ି ସହ କୁଆପଥର ବର୍ଷା ହୋଇଛି। ଏହାର ପ୍ରଭାବରେ ଅନେକ ଅଞ୍ଚଳରେ ଗଛ ଉପୁଡ଼ିବା ସହ ଡୁମୁରିଆ ପଞ୍ଚାୟତ ରୋହଣୀ ଦୁମା ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଛି। କୁଆପଥର ମାଡ଼ରେ ଗ୍ରାମର ଖଗେଶ୍ୱର ମହାନ୍ତ, ବାଇଧର ମହାନ୍ତ, କଳାକର ମହାନ୍ତ, ହଳଧର ମହାନ୍ତ, କ୍ଷୀରୋଦ ମହାନ୍ତ, ମନୋଜ ମହାନ୍ତ, ମଲିନ୍ଦ୍ର ମହାନ୍ତ, ଭୀମସେନ ମହାନ୍ତ, ଅର୍ଜୁନ ମହାନ୍ତ, ରମେଶ ମହାନ୍ତ, ଶଙ୍କର୍ଷଣ ମହାନ୍ତ, ତ୍ରିଲୋଚନ ମହାନ୍ତ, ବିରବର ମହାନ୍ତ, ନରସିଂହ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପଦ୍ମଲୋଚନ ମହାନ୍ତ, ଜଗନ୍ନାଥ ମହାନ୍ତ, କରୁଣାକର ମହାନ୍ତ, ତ୍ରିନାଥ ମହାନ୍ତଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱଙ୍କ ଖପର, ଟାଇଲ ଓ ଆଜବେଷ୍ଟସ ଛପର ଭାଙ୍ଗିଯାଇଛି।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଆନନ୍ଦପୁର,୭।୪(ଉମେଶ ଚନ୍ଦ୍ର ପାଢ଼ୀ): କେନ୍ଦୁଝର ଜିଲା ଆନନ୍ଦପୁରର ସର୍ବପୁରାତନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ୧୯୮୪ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ସ୍ଥାନୀୟ ହୋଟେଲ ରୟାଲ ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ଖଗେଶ୍ୱର ସାହୁଙ୍କ ସଂଯୋଜନାରେ ପରଲୋକଗତ ଶିକ୍ଷକ ଓ ସହପାଠୀଙ୍କ ଅମର ଆତ୍ମର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରୀଛାତ୍ରମାନେ ୪୦ ବର୍ଷର ସ୍ମୃତିକୁ ମନେ ପକାଇଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଦୀକ୍ଷିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ସଂସଦ ସଭାପତି ବିରଞ୍ଚି ପାତ୍ର, ପ୍ରଫୁଲ୍ଲ ସାହୁ, ରଞ୍ଜନ ସାହୁ, ପ୍ରୀତିରଞ୍ଜନ ସାହୁ, ପ୍ରସନ୍ନ ସାହୁ, ରାଜ ସାହୁ, ଉମେଶ ଖୁଣ୍ଟିଆ, ତାପସ ମହାରଣା, ମଧୁସୂଦନ ପଣ୍ଡିତ, କିଶୋର ଦଳେଇ, ସୁଧାଂଶୁ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଟା ଷ୍ଟିଲ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ଯୋଡ଼ା,୭।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାଠାରେ ଟାଟା ଷ୍ଟିଲ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଟାଟା ଷ୍ଟିଲ ହସ୍ପିଟାଲ ଦ୍ୱାରା ଯୋଡ଼ା ଇଷ୍ଟ, ଖଣ୍ଡବନ୍ଧ, ବିଚାକୁଣ୍ଡି, ରେସିଡେନସିଆଲ ବିଦ୍ୟାଳୟ ଏବଂ ଲେବର କଲୋନୀଠାରେ ସଚେତନତା କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ଯୋଡ଼ା ଟାଟା ଷ୍ଟିଲ ଡାକ୍ତରଖାନା ପକ୍ଷରୁ ଚିଫ୍ ମେଡିକାଲ ଅଫିସର ଡା. ସୁଚିସ୍ମିତା ଦାସ, ଡା. ଦେବାଶିଷ ଶତପଥୀ, ଡା. ରାଜା ସରିଫ, ଡା. ଫଜଲୁର ଖାନ, ଡା. ରାହୁଲ ରମମ ସିଂହ ଏବଂ ଡା. ରାକେଶ ପ୍ରମୁଖ ପରିଚାଳନା କରିଥିଲେ। ଲୋକଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ଦୈନନ୍ଦିନ ଜୀବନରେ କିପରି ରୋଗଠାରୁ ଦୁରେଇ ରହି ହେବ, ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପୁଷ୍ଟିକର ଖାଦ୍ୟ ସହ ନିତିଦିନ ବ୍ୟାୟାମ କରିବା ଦ୍ୱାରା କିପରି ତାର ଲାଭ ମିଳିଥାଏ, ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷକରି ଖଣି ଖାଦାନ ଅଞ୍ଚଳରେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିବା ପାଇଁ, କେଉଁ ଖାଦ୍ୟ ଗ୍ରହଣ କରିବା ଉଚିତ ଏବଂ କେଉଁ ବିଷୟ ପ୍ରତି ଆମେ ଅଧିକ ଯତ୍ନଶୀଳ ହେବା ଦରକାର, ତା ଉପରେ ଆଲୋଚନା କରାଯାଇଥିଲା। କମ୍ପାନୀ ଅଧିକାରୀମାନଙ୍କ ବ୍ୟତୀତ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଯୋଗଦେଇଥିଲେ। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ରାଲି ଆୟୋଜନ ହୋଇଥିଲା।



କମ୍ପାନୀ ଅଧିକାରୀ ଓ କର୍ମଚାରୀମାନେ।

# ଭାଜପା ଏମ୍‌ପି ପ୍ରାର୍ଥୀଙ୍କ ଜନ ସମ୍ପର୍କ ଅଭିଯାନ

ରାମଚନ୍ଦ୍ରପୁର,୭।୪(ଗଣେଶ୍ୱର ସା)/ ଆନନ୍ଦପୁର (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବେଲବାହାଳିଠାରେ ରବିବାର ଭାଜପା ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ ଜନ ସମ୍ପର୍କ ଅଭିଯାନରେ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ, ଜିଲା ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ସାମନ୍ତସିଂହାର, ଆନନ୍ଦପୁର ମ୍ୟୁନିସିପାଲିଟିର ପୂର୍ବତନ ନଗରପାଳ ରାମଚନ୍ଦ୍ର ସାହୁଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇ ବେଲବାହାଳି ଗ୍ରାମ ଦେବତୀ ମା' କୁଣ୍ଡାଳାଇ ଶାଳଠାରେ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ଜନ ସମ୍ପର୍କ ଅଭିଯାନ କରିଥିଲେ। ଗ୍ରାମରେ ଏମ୍‌ପି ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବେଲବାହାଳି ମଣ୍ଡଳ ସଭାପତି ଅନାଦୀ ଚରଣ ସାହୁ, ସରପଞ୍ଚ ଦୀପ୍ତି ସାହୁ, ଆନନ୍ଦପୁର ନଗର ମଣ୍ଡଳ ସଭାପତି ପ୍ରଶାନ୍ତ ମହାପାତ୍ର, ପ୍ରାଣବନ୍ଧୁ ସାହୁ, ବିଶ୍ୱନାଥ ଦାସ, ଶ୍ରୀଧର ସାହୁ, ଉଦ୍ଧବ ଓଝା, ସଞ୍ଜୟ ବାରିକ, ବୈଲୋଚନ ମହାରଣା, ବିରବର ସାହୁ, ସଂଯୁକ୍ତା ସାହୁ, ଗୁରୁବାରି ସାହୁ, ମିନତୀ ସାହୁ, ଆରତୀ ସେଠୀ, ପୂର୍ଣ୍ଣଚନ୍ଦ୍ର ରାଉତ, ଗୋବିନ୍ଦ ରଣା, କ୍ଷମାକର ମାଝୀ, ସଙ୍କର୍ଷଣ ରାଉତ, ମଦନ ମୋହନ ଜେନା ପ୍ରମୁଖ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।



ଭାଜପା କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଓ ନେତୃବୃନ୍ଦ।

### ଭାଜପାର କାର୍ଯ୍ୟକର୍ତ୍ତା କର୍ମଶାଳା

କେନ୍ଦୁଝର,୭।୪(ଦୀପକ ମିଶ୍ର): କେନ୍ଦୁଝର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ପଳାସପଙ୍ଗ ନିକଟସ୍ଥ ଖାପରାଖାଇଠାରେ ଭାଜପା ପଳାସପଙ୍ଗା ମଣ୍ଡଳର କାର୍ଯ୍ୟକର୍ତ୍ତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଭାଜପାର ସଦର ବିଧାନସଭା କ୍ଷେତ୍ର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ, ସମ୍ମାନିତ ଅତିଥିଭାବେ ପଳାଶପଙ୍ଗା ମଣ୍ଡଳର ସଭାପତି ଲମ୍ବୋଦର ମହାନ୍ତ, ଜିଲା କୃଷକ ମୋର୍ଚ୍ଚା ଉପସଭାପତି କୃଷ୍ଣଚନ୍ଦ୍ର ମହାନ୍ତ, କେନ୍ଦୁଝର ବିଧାନସଭା ସଂଯୋଜକ ବିବେକାନନ୍ଦ ମହାନ୍ତ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରଞ୍ଜିତ ମାଝୀ, ରମେଶ ନାଏକ, ଟଙ୍କଧର ପରିଡ଼ା, ରଞ୍ଜିତ ମୁଣ୍ଡା, ଜନ୍ମଜୟ ସର୍ଦାର, ଭୁପେନ ନାଏକ, ସୁରେଶ ଚନ୍ଦ୍ର ନାଏକ ଅନ୍ୟଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ।

# ବରମୂଳ ସାହିରେ ଟ୍ୟାଙ୍କର ଯୋଗେ ଜଳଯୋଗାଣ

ରାମଚନ୍ଦ୍ରପୁର,୭।୪(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ବେଲବାହାଳି ପଞ୍ଚାୟତ ବରମୂଳ ସାହିରେ ଦୀର୍ଘ ଦିନ ହେବ ଲାଗି ରହିଥିବା ପାନୀୟ ଜଳ ସମସ୍ୟା ଦୂର ହୋଇଛି। ସରପଞ୍ଚଙ୍କ ଦୀପ୍ତି ସାହୁ ନିଜସ୍ୱ ଖର୍ଚ୍ଚରେ ଟ୍ୟାଙ୍କର ଯୋଗେ ସାହିକୁ ପାଣି ଯୋଗାଇଥିବା ଜଣାପଡ଼ିଛି। ଚଳିତ ବର୍ଷ ଗ୍ରୀଷ୍ମ ପହିଲାରୁ ପାନୀୟ ଜଳର ସଙ୍କଟ ଦେଖାଯାଇଥିଲା। ବାସୁଧା ଯୋଜନା ଥାଇ ମଧ୍ୟ ଲୋକ ଉପକୃତ ହୋଇ ପାରୁ ନ ଥିଲେ। ପାନୀୟ ଜଳର କୌଣସି ପ୍ରକାର ସମସ୍ୟା ସମାଧାନ ନ ହେବାରୁ ସରପଞ୍ଚଙ୍କ ସହଯୋଗରେ ପାଣି ଯୋଗେଇ ଦିଆଯାଇଛି। ଏଥିସହ ସାହିରେ କିଛି ଦିନ ପୂର୍ବେ ହୋଇଥିବା ବୋରିଂରୁ ନୂଆ ସଂଯୋଗ ନିଆଯାଇ ୧୦ ପରିବାରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗେଇ ଦିଆଯାଇଛି। ଏହାର ସ୍ଥାୟୀ ରକ୍ଷଣା ବେକ୍ଷଣ ପାଇଁ ବେଲବାହାଳି ପଞ୍ଚାୟତ ଦାୟିତ୍ୱ ନିର୍ବାହ କରିବା ନେଇ ସରପଞ୍ଚ ପ୍ରକାଶ କରିଛନ୍ତି। ଆନନ୍ଦପୁର ବ୍ଲକ୍ ଉନ୍ନୟନ ଅଧିକାରୀ ଯୋଗରଞ୍ଜନ ନାଏକ କହିଛନ୍ତି, ପାନୀୟ ଜଳ ଯୋଗାଣ ଅଧିକାରୀଙ୍କୁ ପଚାରି ଏହାର ସ୍ଥାୟୀ ସମାଧାନ କରିବାକୁ ଚେଷ୍ଟା କରିବୁ।

# କେନ୍ଦୁଝର ସହରକୁ ଜଳଯୋଗାଣ ବନ୍ଦ

**ସ୍ଲରି ପାଇପ୍ ବିଛାଇବା ବେଳେ ପାଇପ୍ ଫଟେଇଦେଲେ**

କେନ୍ଦୁଝର,୭।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ଓ ଘଟଗାଁ ବ୍ଲକ୍ ଜାତୀୟ ରାଜପଥ ୨୦ ପାର୍ଶ୍ୱ ଦେଇ ଲୁହାପଥର ଗୁଣ୍ଡ ପରିବହନ ପାଇଁ ସ୍ଲରି ପାଇପ ବିଛାଯାଉଥିବା କମ୍ପାନୀର ବେପରୁଆ କାମ ଯୋଗୁ କେନ୍ଦୁଝର ସହରକୁ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ସ୍ଲରି ପାଇପ ବିଛାଇବା ବେଳେ ପାନୀୟ ଜଳ ଯୋଗାଣ ପାଇପ ଫାଟିଯାଇଥିଲା। ୨ ଦିନ ହେଲା ମରାମତି ହୋଇ ନ ଥିବାରୁ ଜଳ ଯୋଗାଣ ବ୍ୟାହତ ଘଟିଛି। କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କାମ ବନ୍ଦ କରିବା ପାଇଁ ସହରବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

ସୂଚନା ମୁତାବକ, କମ୍ପାନୀ ପକ୍ଷରୁ ମେସିନ ବ୍ୟବହାର କରି ଟ୍ରେଞ୍ଚ ଖୋଳିବା ସମୟରେ ପାଇପ୍ କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ କେନ୍ଦୁଝରଗଡ଼ ପୌରପାଳିକାର ୯, ୧୦, ୧୧, ୧୨, ୧୩, ୧୪, ୧୫, ୧୬, ୧୭, ୧୮ ନମ୍ବର ୱାର୍ଡକୁ ଜଳଯୋଗାଣ ଠପ ହୋଇଯାଇଥିବାରୁ ପ୍ରାୟ ୫୦ ହଜାର ଲୋକ ହନ୍ତସନ୍ତ ହେଉଛନ୍ତି। ସ୍ଲରି ପାଇପ ବିଛାଇବା ସମୟରେ ଜନସ୍ୱାସ୍ଥ୍ୟ ବିଭାଗର ଅନୁମତି ନେବା ଜରୁରୀ। ବିଭାଗର ଅଗୋଚରରେ ସ୍ଲରି ପାଇପ ବିଛା ଯାଉଥିବାରୁ ଅଞ୍ଚଳରେ ଦେଇ ଯାଇଥିବା ପାଣି ପାଇପ ଲାଇନ କ୍ଷତିଗ୍ରସ୍ତ ହୋଇଛି। ସମ୍ବେଦନଶୀଳ ଘଟଣାରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ପରୋକ୍ଷରେ କମ୍ପାନୀକୁ ସମର୍ଥନ କରୁଛନ୍ତି ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି। କେନ୍ଦୁଝର ୱାଟ୍‌କୋର ଜେନେରାଲ ମ୍ୟାନେଜର ନାରଦ ରଥ କହିଛନ୍ତି, କମ୍ପାନୀର ଖାମଖିଆଲ ମନୋଭାବ ଯୋଗୁ ପାଇପ ଫାଟିଲା। ମରାମତି କରି ଜଳ ଯୋଗାଣ ସ୍ୱାଭାବିକ କରିବାକୁ ଉଦ୍ୟମ କରାଯାଉଛି। ସୋମବାର ସୁଦ୍ଧା ଜଳଯୋଗାଣ ସ୍ୱାଭାବିକ ହେବ ବୋଲି କହିଛନ୍ତି। ପ୍ରକାଶ ଯୋଗ୍ୟ, ଉକ୍ତ କମ୍ପାନୀ ନରଣପୁର ସଂରକ୍ଷିତ ଜଙ୍ଗଲ ଏବଂ ଅଟେଇ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱରେ ବଡ଼ ବଡ ଟ୍ରେଞ୍ଚ ଖୋଳି ସ୍ଲରି ପାଇପ ବିଛାଉଛି। ଦୀର୍ଘ ମାସ ହେବ କାମ ସରୁ ନ ଥିବାରୁ ବନ୍ୟପ୍ରାଣୀ କରିଡର ଅସୁରକ୍ଷିତ ହୋଇପଡ଼ିଥିବା ସ୍ଥାନୀୟ ଲୋକେ ଓ ପରିବେଶବିତ୍ ଅଭିଯୋଗ କରିଛନ୍ତି।



# ଇଟାଭାଟି, ଘରୋଇ କାମରେ ଶିଶୁ ନିୟୋଜିତ

**ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

କେନ୍ଦୁଝର,୭।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଶିଶୁ ଶ୍ରମିକ ଏକ ଗୁରୁତର ସମସ୍ୟା ଭାବେ ଉଭା ହୋଇଛି। ଶିଶୁଙ୍କ ପାଇଁ ସରକାର ମାଗଣାରେ ପଢ଼ିବା, ବିଦ୍ୟାଳୟରୁ ଡ୍ରପ୍ ଆଉଟ ରୋକିବା ସହ ଥଇଥାନ କରିବା ନେଇ ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଶିଶୁ ଶ୍ରମିକ ନିୟୋଜିତ କଲେ କଡା ଆଇନ ପ୍ରଣୟନ ହୋଇଛି। ମାତ୍ର ଚପଳମତୀ ଗରିବ ଓ ଅସହାୟ ଶିଶୁମାନଙ୍କୁ ବିଭିନ୍ନ ହୋଟେଲ, ଢାବା, ଗୁହାଳ, ଇଟାଭାଟି ଆଦି ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଏଭଳି ଏକ ଦୃଷ୍ଟାନ୍ତ କେନ୍ଦୁଝର ସହର ସୁଲେଇଖମାର ଗ୍ରାମରେ ଦେଖିବାକୁ ମିଳିଛି। ଶିଶୁମାନଙ୍କୁ କାମରେ ଲଗାଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସ୍ଥାନୀୟ ଲୋକେ ଜିଲାପାଳ, ଜିଲା ଶ୍ରମ ବିଭାଗ, ଶିକ୍ଷା ବିଭାଗ ତଥା ଜିଲା ଶିଶୁ ସୁରକ୍ଷା ବିଭାଗକୁ ଦାବିପତ୍ର ଦେବା ପରେ ଘଟଣା ପଦାକୁ ଆସିଛି।

କେନ୍ଦୁଝର ସହର ନିକଟ ୧ ନମ୍ବର ୱାର୍ଡରେ ଥିବା ଉକ୍ତ ଆଦିବାସୀ ବହୁଳ ଗ୍ରାମରେ ଲୋକମାନେ ଅଶିକ୍ଷିତ, ଗରିବ ଶ୍ରେଣୀର ଅଟନ୍ତି। ପେଟପାଟଣା ପାଇଁ ଛୋଟ ଛୋଟ ପିଲାମାନେ ରୋଜଗାର କରିବାକୁ ବାଧ୍ୟ ହୋଇଥାନ୍ତି। ଏହା ମଧ୍ୟରେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ୬ ରୁ ୧୪ ବର୍ଷ ପିଲାଙ୍କୁ ବିଦ୍ୟାଳୟକୁ ଆଣି ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିଛନ୍ତି। ମାତ୍ର ସ୍ଥାନୀୟ ପ୍ରଭାବଶାଳୀ ଲୋକ ପିଲାଙ୍କୁ ପ୍ରଲୋଭିତ କରି ବିଭିନ୍ନ ପ୍ରକାରର ଘରୋଇ କାମରେ ଲଗାଉଛନ୍ତି। ବିଦ୍ୟାଳୟ ପକ୍ଷରୁ ପିଲାଙ୍କ ଅନୁପସ୍ଥିତିକୁ ନେଇ ସେମାନଙ୍କ ଅଭିଭାବକମାନଙ୍କୁ ଭେଟି ପିଲାମାନଙ୍କୁ ନିୟମିତ ବିଦ୍ୟାଳୟ ପଠାଇବାକୁ ପ୍ରବର୍ତ୍ତାଯାଉଛି। ଏହା ସତ୍ତ୍ୱେ ଗତ ମାର୍ଚ୍ଚ ୧୫ ଓ ୨୦ ତାରିଖରେ ସୁଲେଇଖମାର ବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷାରେ କେତେକ ପିଲାଙ୍କ ଅନୁପସ୍ଥିତି ରହିଥିଲେ। ବିଦ୍ୟାଳୟ ପକ୍ଷରୁ ଗ୍ରାମବାସୀଙ୍କ ସହାୟତାରେ ଅନୁସନ୍ଧାନ ପରେ ୪ ପିଲାଙ୍କୁ ଜନୈକ ବ୍ୟକ୍ତିଙ୍କ ଗୁହାଳ କାମ ଏବଂ ଅନ୍ୟ ଜଣଙ୍କ ଇଟା ଭାଟିରେ କାମ କରୁଥିବା ଦେଖିବାକୁ ପାଇଥିଲେ। ସେମାନଙ୍କୁ ଉଦ୍ଧାର କରିବା ବେଳେ କାମରେ ନିୟୋଜିତ କରିଥିବା ଲୋକଙ୍କ ପ୍ରତିବାଦର ଶିକାର ହେବାକୁ ପଡ଼ିଥିଲା। ଶ୍ରମ ବିଭାଗ, ପୋଲିସ ବିଭାଗ ତଥା ଶିଶୁ ସୁରକ୍ଷା ସମିତି ସହାୟତାରେ ଉଦ୍ଧାର କରାଯାଇଥିଲା। ମାତ୍ର ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ସେମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଉଦ୍ଧାର ଶିଶୁମାନଙ୍କୁ ଏସ୍‌ଟି/ଏସ୍‌ସି ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟରେ ନାମ ଲେଖାଯାଇଛି। ନନ୍ଦ କିଶୋର ନାୟକ, ସୁକୁମାରୀ ନାୟକ, କୁନୁମୁନି ମୁଣ୍ଡା, ମଦନ ମୁଣ୍ଡା, ବୈରାଗୀ ଦେହୁରୀ (ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା), ରାଇମନି ମୁଣ୍ଡା, ଭୀମ ମୁଣ୍ଡା, କୁନି ନାଏକ, ସମରା ମୁଣ୍ଡାଙ୍କ ସମେତ ଦସ୍ତଖତ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଏଭଳି ଆଖପାଖ ବହୁ ସ୍କୁଲର ପିଲା ପାଠପଢ଼ା ଛାଡି ବିଭିନ୍ନ ସ୍ଥାନରେ କାମ କରୁଛନ୍ତି। ଫଳରେ ଡ୍ରପ୍ ଆଉଟ ସଂଖ୍ୟା ବାସ୍ତବରେ ବୃଦ୍ଧି ପାଉଛି। କେତେକ ସ୍କୁଲରେ ସେମାନଙ୍କ ଉପସ୍ଥାନ ଦେଖାଇ ମଧ୍ୟାହ୍ନଭୋଜନ ହେରଫେର କରାଯାଉଥିବା ଅଭିଯୋଗର ତଦନ୍ତ ହେଲେ ସତ୍ୟତା ଜଣାପଡ଼ିବ ବୋଲି ଶିଶୁ ଅଧିକାର କର୍ମୀ ଭକ୍ତ ବତ୍ସଳ ମହାନ୍ତି କହିଛନ୍ତି। ଉଦ୍ଧାର ପାଇଁ ଯାଇଥିବା ସହକାରୀ ଶ୍ରମ ଅଧିକାରୀ ସୁଚିସ୍ମିତା ପାଣିଗ୍ରାହୀ କହିଛନ୍ତି, ଉଦ୍ଧାର ୪ ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଟିମ୍‌ରେ ସାମିଲ ସ୍ଥାନୀୟ ଚାଇଲ୍ଡ଼ ଲାଇନ ସଦସ୍ୟ ଦେବଜ୍ୟୋତି ନାୟକ କହିଛନ୍ତି, ଶିଶୁମାନଙ୍କୁ ଥଇଥାନ କରିବା ସହ କାମରେ ଲଗାଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡ. ବିଭୂତି ଦାଶ କହିଛନ୍ତି, ପିଲାମାନଙ୍କୁ ଅନ୍ୟତ୍ର ଆବାସିକ ବିଦ୍ୟାଳୟରେ ପାଠ ପଢ଼ାଇବା ବ୍ୟବସ୍ଥା କରିବାକୁ କୁହାଯାଇଛି।

